ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.125 Bhubaneswar Wednesday, June 30, 2021 | ୨୪ତମ ବର୍ଷ ସଂଖ୍ୟା-୧୨୫ ଭୁବନେଶ୍ୱର, ବୁଧବାର, ଜୁନ୍ ୩୦, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS




ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ନୂଆଦିଲ୍ଲୀର କିଶୋର ମୂର୍ତ୍ତି ଭବନରେ ପ୍ରଧାନମନ୍ତ୍ରୀ ସଂଗ୍ରହାଳୟର ଅଗ୍ରଗତି ସମୀକ୍ଷା କରିଛନ୍ତି

## ଗୋଟିଏ ଦିନରେ ୨,୬୪୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୯।୬(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨,୬୪୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯,୦୬,୪୨୯ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୮,୭୦,୭୮୭ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୩୧,୬୧୯ ରହିଛି । ଆଜି ଚିହ୍ନଟ ହୋଇଥିବା ୨,୬୪୦ ଜଣଙ୍କ ମଧ୍ୟରୁ ୧,୫୧୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୧,୧୨୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୩୬୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୮୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୯୭ ଜଣ, ବରଗଡ଼ରୁ ୨୧ ଜଣ, ଭଦ୍ରକରୁ ୧୨୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୯, କଟକରୁ ୨୬୬ ଜଣ, ଦେବଗଡ ଜିଲ୍ଲାରୁ ୪ ଜଣ, ଢେଙ୍କାନାଳ ଜିଲ୍ଲାରୁ ୬୭ ଜଣ, ଗଜପତି ଜିଲ୍ଲାରୁ ୧୮, ଗଞ୍ଜାମରୁ ୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୩୨ ଜଣ, ଯାଜପୁରରୁ ୧୬୨ ଜଣ, ଝାରସୁଗୁଡ଼ାରୁ ୮ ଜଣ, କଳାହାଣ୍ଡିରୁ ୨୦ ଜଣ, କନ୍ଧମାଳ ଜିଲ୍ଲାରୁ ୧୫ ଜଣ. କେନ୍ଦ୍ରାପଡ଼ାରୁ ୫୫ ଜଣ, କେନ୍ଦୁଝରରୁ ୭୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୩୬୫ ଜଣ, କୋରାପୁଟରୁ ୬୧ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୬୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୫୫ ଜଣ, ନବରଙ୍ଗପୁରରୁ ୨୦ ଜଣ, ନୟାଗଡ଼ରୁ ୯୨ ଜଣ, ନୂଆପଡ଼ାରୁ ୮ ଜଣ, ପୁରୀରୁ ୧୭୮ ଜଣ, ରାୟଗଡ଼ାରୁ ୪୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୨୩ ଜଣ, ସୋନପୁରରୁ ୨୫ ଜଣ, ସୁନ୍ଦରଗଡ଼ରୁ ୨୮ ଜଣ ଓ ଷ୍ଟେଟ୍ ପୁଲରୁ ୭୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଅନ୍ ଲାଇନ ପାଠପଢା ନେଇ ନାନା ମୁନୀଙ୍କ ନାନା ମତ, ଘାଂଟି ହେଉଛନ୍ତି ଛାତ୍ରଛାତ୍ରୀ ଓ ଶିକ୍ଷକ

ରାଉରକେଲା, ୨୯।୬(ପି.ଏନ): ମହାମାରୀ କରୋନା ସମୟରେ ରାଜ୍ୟ ଓ ଦେଶରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ଶିକ୍ଷା ବ୍ୟବସ୍ଥା ତାହା ନିଶ୍ଚୟ ଗ୍ରହଣ ଯୋଗ୍ୟ । ହେଲେ ଏହି ବ୍ୟବସ୍ଥାକୁ ନେଇ ନାନା ମୁନୀଙ୍କର ନାନା ମତ ଏବେ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ସୁନ୍ଦରଗଡ ଜିଲ୍ଲାରେ ନାନା ସମସ୍ୟାରେ ପକାଇବାରେ ଲାଗିଛି । ୫ ଆଙ୍ଗୁଳି ସମାନ ନୁହେଁ କିମ୍ବା ସବୁ ଅଂଚଳରେ ସମାନ ପ୍ରକାର ପରିବାରର ସମାନ ପିଲା ନାହାନ୍ତି । ସରକାର ଏହି ସମୟରେ ଅନଲାଇନ ପାଠ ପଢାକୁ ଗୁରୁତ୍ୱ ଦେବା ପରେ ତଳ ତଳିଆ ବାବୁ ବାବୁଆଣୀ ମାନଙ୍କର ନାନା ଆଦେଶ ଏହି ବ୍ୟବସ୍ଥାକୁ ଘାଂଟି ସମଗ୍ର ସୁନ୍ଦରଗଡ ଜିଲ୍ଲାରେ ଅଚଳା ଅବସ୍ଥା ସୃଷ୍ଟି କରିଥିବା ଖବର ମିଳିଛି । ଅନ ଲାଇନ ପାଠ ପଢା ଲାଗି ଇଂଟରନେଟ ସହ ଏକ ମୋବାଇଲର ଆବଶ୍ୟକତା ରହିଛି । ଏହି ବ୍ୟବସ୍ଥାକୁ ଦେଖିବାକୁ ଗଲେ ସହରାଂଚଳରେ ପଢୁଥିବା ୩୦ ପିଲାଙ୍କ ମଧ୍ୟରେ ୧୦ ପିଲା ମୋବାଇଲ ପାଉଛନ୍ତି । ଯଦିଓ ମୋବାଇଲ ପାଇଲେ ପାଠ ପଢା ଭିତରେ ସେମାନଙ୍କର ଡାଟା ସରିଯାଉଛି । କାହାର ବାପା ମା ମୋବାଇଲ ନେଇ କାମ କରିବାକୁ ଚାଲିଯାଉଛନ୍ତି । ତେଣୁ ଏଠାରେ ଶିକ୍ଷକ ଶିକ୍ଷୟତ୍ରୀ ମାନେ ନିର୍ଦ୍ଦିଷ୍ଟ ସମୟରେ ପାଠ ପଢାଇବାକୁ ବାହାରିବା ବେଳେ ସବୁ ପିଲା ଏଥିରେ ସାମିଲ ହୋଇପାରୁ ନାହାନ୍ତି । ଏହି କଥାକୁ ଯଦି ଦେଖାଯାଏ ତେବେ ଗ୍ରାମାଂଚଳରେ ପିଲାଙ୍କ ପାଖରେ କିଛି ମୋବାଇଲ ଥିବା ବେଳେ ନେଟୱାର୍କ ରହୁ ନାହିଁ ଓ ଅଭିଭାବକ ଡାଟା ଲାଗି ପଇସା ପକାଇ ପାରୁନାହାନ୍ତି । ତେଣୁ ଗ୍ରାମାଂଚଳରେ ଏହି ଅନଲାଇନ ଶିକ୍ଷା ଏକ ପ୍ରକାର ସ୍ୱପ୍ନ ହୋଇଛି । ସହରାଂଚଳରେ ସବୁ ବିଦ୍ୟାଳୟରେ ସମାନ ସ୍ଥିତି, କାରଣ ଆର୍ଥିକ ସ୍ୱଚ୍ଛଳତା ଥିବା ପରିବାରର ପିଲା ମାନେ କେବେ ହେଲେ ସରକାରୀ ବିଦ୍ୟାଳୟକୁ ଆସୁନାହାନ୍ତି, ସେମାନଙ୍କ ପାଖରେ ଏସବୁ ସୁବିଧା ରହିବା ଅସମ୍ଭବ । ଏତିକି ବେଳେ ସହରାଂଚଳରେ ଶିକ୍ଷା ବିଭାଗ ଦାୟିତ୍ୱରେ ଥିବା ବାବୁ ବାବୁଆଣୀ ମାନେ ଶିକ୍ଷକ ମାନଙ୍କ ଉପରେ ଦାଉ ସାଧୁଥିବା ଖବର ମିଳିଛି , ଦରମା ଗଣ୍ଡେ ମିଳୁଥିବାରୁ ଏମାନେ ନିଜ ଘରୁ ଦେଉଥିବା ଭଳି ବ୍ୟବହାର କରୁଥିବାର ଅଭିଯୋଗ ହେଉଛି । ବାବୁ ମାନେ ନିଜେ କରୋନା ସମୟରେ ନାନା ଆଳରେ ଘରେ ରହୁଥିବା ବେଳେ ଶିକ୍ଷକ ମାନଙ୍କୁ ବସ୍ତି ଅଂଚଳ ବୁଲି ପିଲାଙ୍କୁ ପାଠ ପଢାଇବାକୁ ମୌଖିକ ଭାବେ କହୁଥିବାର ଅଭିଯୋଗ ହେଉଛି । ଅଫିସରେ ନାନା ଫାଇଲ ପଡି ରହୁଛି । ଫାଇଲ ସବୁ ବାବୁ ମାନଙ୍କ ଘରକୁ ଯାଉଛି, ଶିକ୍ଷକ ଶିକ୍ଷୟତ୍ରୀ ଓ ପିଲା ମାନଙ୍କର ନାନା ସୁବିଧା ସୁଯୋଗର ଫାଇଲ କାମ ହେଉ ନାହିଁ । ଶିକ୍ଷକ ମାନେ ବସ୍ତିକୁ ଜିବା ଲାଗି ଲିଖିତ ଆଦେଶ ନାମା ଚାହୁଁଥିବାରୁ ତାହା ସେମାନେ ନଦେଇ ନାନା ଆଳ ସହ ବିଧାୟକ, ମନ୍ତ୍ରୀ ଚାହୁଁଛନ୍ତି କହି ନାଲି ଆଖି ଦେଖାଉଥିବା ଅଭିଯୋଗ ହୋଇଛି । ଏନେଇ କୌଣସି ବିଧାୟକ କିମ୍ବା ବିଭାଗୀୟ ମନ୍ତ୍ରୀ କହିଥିବା ଶୁଣା ଯାଇନଥିବା ବେଳେ ତଳ ସ୍ତରରେ ଏଭଳି କାରବାର ସମଗ୍ର ବ୍ୟବସ୍ଥାକୁ ବିଶୃଙ୍ଖଳିତ କରୁଥିବା ଦେଖାଯାଉଛି । ତେଣୁ ସରକାର ମଧ୍ୟାହ୍ନ ଭୋଜନ ଓ ନାନା ଭତା ଦେବା ଭଳି ପିଲା ମାନଙ୍କୁ ମୋବାଲ ସହ ଡାଟା ଦେବାର ବ୍ୟବସ୍ଥା କରିପାରିଲେ ଏସବୁ ସମସ୍ୟାର କିଛିଟା ସମାଧାନ ହୋଇପାରନ୍ତା ବୋଲି ବୁଦ୍ଧିଜିବୀ ଓ ଅବିଭାବକ ମହଲରେ ମତ ପ୍ରକାଶ ପାଇଛି ।

## ମାଟ୍ରିକ୍ ମାର୍କକୁ ବିବାଦକୁ ନେଇ ବୋର୍ଡର ସ୍ପଷ୍ଟୀକରଣ : ମାର୍କ କମ୍ ଥିଲେ ଅଫଲାଇନରେ ପରୀକ୍ଷା ଦେଇପାରିବେ

କଟକ, ୨୯।୬(ପି.ଏନ): ମାଟ୍ରିକ ଫଳାଫଳକୁ ନେଇ ବିବାଦ ପରେ ଆଜି ମାଧ୍ୟମିକ ଶିକ୍ଷା ବୋର୍ଡ କର୍ତ୍ତୃପକ୍ଷ ସ୍ପଷ୍ଟୀକରଣ ଦେଇଛନ୍ତି । ବହୁ ଶିକ୍ଷାବିତ୍ ଓ ଜିଲ୍ଲାର ଡିଇଓଙ୍କ ସହ ଆଲୋଚନା କରା ଯାଇଥିଲା ଓ ସ୍ୱତନ୍ତ୍ର କୋର କମିଟି ଗଠନ କରି ମୂଲ୍ୟାୟନର ତର୍ଜମା ହୋଇଥିଲା । ୪ ବର୍ଷର ପ୍ରଦର୍ଶନକୁ ବିଚାର କରି ମୂଲ୍ୟାୟନ ହୋଇଛି । ୨୦୧୭, ୧୮,୧୯, ୨୦ ବର୍ଷର ପ୍ରଦର୍ଶନକୁ ନେଇ ମୂଲ୍ୟାୟନ କରା ଯାଇଛି । ତେବେ ଯେଉଁ ମାନେ ଏହି ପରୀକ୍ଷାକୁ ନେଇ ଅସନ୍ତୁଷ୍ଟ ସେମାନଙ୍କ ପାଇଁ ଅଫଲାଇନ ପରୀକ୍ଷା କରାଯିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆ ଯାଇଛି । ବୋର୍ଡ ପକ୍ଷରୁ କୁହା ଯାଇଛି ଯେ ସନ୍ତୁଷ୍ଟ ଛାତ୍ରଛାତ୍ରୀଙ୍କ ପାଇଁ ଅଫ୍ଲାଇନ ମାଟ୍ରିକ ପରୀକ୍ଷା ବ୍ୟବସ୍ଥା କରାଯାଉଛି । ଜୁଲାଇ ୫ରୁ ଅଫ୍‌ଲାଇନ ପରୀକ୍ଷା ନେଇ ଫର୍ମ ଫିଲ୍‌ଅପ୍ କରାଯିବ। ୧୦ ଦିନ ଭିତରେ ଫର୍ମ ଫିଲ୍‌ଅପ୍ ଶେଷ ପାଇଁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଜୁଲାଇରେ ପରୀକ୍ଷା କରି ଶୀଘ୍ର ରେଜଲ୍ଟ ପ୍ରକାଶ କରାଯିବ। ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କ ପାଇଁ +୨ ନାମଲେଖା ସମସ୍ୟା ହେବନି ବୋଲି ବୋର୍ଡ ପକ୍ଷରୁ କୁହା ଯାଇଛି । ବୋର୍ଡ ପକ୍ଷରୁ କୁହା ଯାଇଛି ଯେ ପୂର୍ବ ଅପେକ୍ଷା ଚଳିତ ବର୍ଷ ସବୁ ଗ୍ରେଡରେ ପିଲାଙ୍କ ସଂଖ୍ୟା ବଢିଛି । ଗତବର୍ଷ ତୁଳନାରେ ଏ-୧ରେ ୨ ଗୁଣା ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ସେହିପରି ଏ-୨ ରେ ୩ ଗୁଣାରୁ ଅଧିକ ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ବୋର୍ଡ ପକ୍ଷରୁ କୁହା ଯାଇଛି ଯେ ମୂଲ୍ୟାୟନ ପଦ୍ଧତି ନେଇ ସବୁ କିଛି ବୋର୍ଡୱେବସାଇଟରେ ଥିଲା। ମୂଲ୍ୟାୟନ ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା ହୋଇଛି । ତର୍ଜମା କରିଥିଲା ସ୍ୱତନ୍ତ୍ର କୋର କମିଟି । ୪ ବର୍ଷର ପ୍ରଦର୍ଶନକୁ ବିଚାରକୁ ନେଇ ମୂଲ୍ୟାୟନ କରାଯାଇଥିବା ବୋର୍ଡ ପକ୍ଷରୁ କୁହାଯାଇଛି ।

## ସଂକ୍ରମଣ ହାର ଅଧିକ ଥିବା ଜିଲ୍ଲାରେ କୋଭିଡ ନିୟମକୁ କଡାକଡି ଭାବରେ ପାଳନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୨୯।୬(ପି.ଏନ): ଅଧିକ ସଂକ୍ରମଣ ହାର ଥିବା ଜିଲ୍ଲା ଉପରେ ଫୋକସ କରିବା ସହିତ କୋଭିଡ ନିୟମର କଡାକଡି ଅନୁପାଳନ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି । ମଙ୍ଗଳବାର ରାଜ୍ୟରେ କୋଭିଡ ସ୍ଥିତି ସଂପର୍କରେ ସମୀକ୍ଷା କରି ଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ ରାଜ୍ୟରେ ସଂକ୍ରମଣ ହାର ୫ ପ୍ରତିଶତ ଥିଲେ ମଧ ଅଳ୍ପ କେତେକ ଜିଲ୍ଲାରେ ଉଚ୍ଚ ସଂକ୍ରମଣ ହାରକୁ ଦୃଷ୍ଟିରେ ରଖି ସତର୍କତା ଅବଲମ୍ବନ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଏହାସହିତ ଘରକୁ ଘର ବୁଲି ଚାଲିଥିବା ସର୍ଭେ କାର୍ଯ୍ୟକ୍ରମ ଦ୍ୱାରା କୋଭିଡ ତଥା ଅନ୍ୟାନ୍ୟ ରୋଗୀ ମାନଙ୍କର ଚିହ୍ନଟ ଏବଂ ତୁରନ୍ତ ଚିକିତ୍ସା ବ୍ୟବସ୍ଥା କରାଯାଇପାରୁଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରି ଏହାକୁ ଆହୁରି ଗୁରୁତର ସହ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଥିଲେ । ତୃତୀୟ ଲହରରେ ପ୍ରସ୍ତୁତି ସ୍ୱରୂପ ଶିଶୁ ରୋଗ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା ତଥା ଡାକ୍ତରମାନଙ୍କର ଏ ସଂପର୍କିତ ତାଲିମକୁ ପ୍ରାଥମିକତା ଦେଇ ସଂପୂର୍ଣ୍ଣ ପ୍ରସ୍ତୁତ ରହିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ବିଭିନ୍ନ ଡାକ୍ତରଖାନା ମାନଙ୍କରେ ଅକ୍‌ସିଜେନ ପ୍ଲାଂଟ ଯେପରି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାର୍ଯ୍ୟକ୍ଷମ ହୋଇପାରିବ, ତାହା ସୁନିଶ୍ଚିତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶୀଘ୍ର ଟିକାକରଣ ଆଗାମୀ କିଛି ମାସ ପାଇଁ ଆମର ମୁଖ୍ୟ ଫୋକସ ହୋଇରହିବ। ବର୍ତ୍ତମାନ ଆମେ ଦୈନିକ ୩ ଲକ୍ଷ ଲୋକଙ୍କୁ ଟିକା ଦେଉଛୁ ବୋଲି ପ୍ରକାଶ କରି ଟିକା କେନ୍ଦ୍ର ମାନଙ୍କରେ ବିଭିନ୍ନ ସୁବିଧାର ବିକାଶ ପାଇଁ ଜିଲ୍ଲାପାଳ ମାନେ ବ୍ୟକ୍ତିଗତ ଭାବେ ଦୃଷ୍ଟି ଦେବା ପାଇଁ ସେ ପରାମର୍ଶ ଦେଇଥିଲେ । କୋଭିଡ ନିୟମ ସଂପର୍କରେ ଲୋକମାନଙ୍କୁ ବାରମ୍ବାର ସଚେତନ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ସହ ମାସ୍କ ପିନ୍ଧିବା, ହାତ ଧୋଇବା ଓ ସାମାଜିକ ଦୂରତା ରକ୍ଷା କରିବା, ଭିଡ ନ ଯିବା ଆଦି କୋଭିଡ ନିୟମକୁ କଡାକଡି ଭାବରେ ପାଳନ କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ ।ସମୀକ୍ଷାରେ ଯୋଗ ଦେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ରାଜ୍ୟର ଦକ୍ଷିଣ ଓ ପଶ୍ଚିମାଂଚଳର ୧୭ଟି ଜିଲ୍ଲାରେ ଆଂଶିକ ଅନ୍‌ଲକ୍ ପରେ ମଧ କୋଭିଡ କେସ୍ ରେ କୌଣସି ବୃଦ୍ଧି ହୋଇନାହିଁ । କିନ୍ତୁ ଉପକୂଳ ଓ ଉତର ଓଡିଶାର ଅଭିବକ୍ତ ପୁରୀ, କଟକ, ବାଲେଶ୍ୱର ଓ ମୟୁରଭଂଜ ଆଦି ଜିଲ୍ଲା ମାନଙ୍କରେ ସଂକ୍ରମଣ ହାର ଅଧିକ ଥିବାରୁ ଅଧିକ ସତର୍କ ଦୃଷ୍ଟି ରଖାଯାଇଛି ବୋଲି ସେ ସୂଚନା ଦେଇଥିଲେ। ରାଜ୍ୟର କୋଭିଡ ସ୍ଥିତି ସଂପର୍କରେ ସୂଚନା ଦେଇ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି.କେ. ମହାପାତ୍ର କହିଥିଲେ ଯେ ଗଞ୍ଜାମ ଓ ଝାରସୁଗୁଡା ଜିଲ୍ଲାରେ ସଂକ୍ରମଣ ହାର ଏକ ପ୍ରତିଶତରୁ ତଳେ ଥିବାବେଳେ ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ୯-୧୫ ପ୍ରତିଶତ ରହୁଥିବାରୁ ଏହା ଉପରେ ଅଧିକ ଫୋକସ କରାଯାଇଛି । ଲକ୍‌ଡାଉନ କଡାକଡି ସହିତ ମାଇକ୍ରୋ କଂଟନମେଂଟ ଜୋନ ଓ ଟେଷ୍ଟିଂ ଆଦି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଜୁଲାଇ ୧୫ ବେଳକୁ ପରିସ୍ଥିତିରେ ଆହୁରି ଉନ୍ନତି ଆସିବ ବୋଲି ସେ ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଏହି ସମୀକ୍ଷା ବୈଠକରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଏବଂ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## କମିଶନରେଟ୍ ପୋଲିସ୍ ହାତରେ ୭ ଜଣିଆ ସାଇବର ଠକେଇ ଗ୍ୟାଙ୍ଗ୍, ୧୬ ହଜାର ସିମ୍ ଜବତ

ଭୁବନେଶ୍ୱର, ୨୯।୬(ପି.ଏନ): କମିଶନରେଟ୍ ପୋଲିସ୍ ଏକ ସାଇବର ଠକେଇ ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି। ଏହି ଗ୍ୟାଙ୍ଗର ୭ ଜଣଙ୍କୁ ଗିରଫ କରାଯାଇଛି। ୭ ଜଣଙ୍କ ଠାରୁ ୧୬ ହଜାରରୁ ଅଧିକ ପ୍ରି-ଆକ୍ଟିଭେଟେଡ୍ ସିମ୍ ଜବତ କରାଯାଇଛି । ସିମ୍ ଆକ୍ଟିଭେଟ୍ ପାଇଁ ବ୍ୟବହୃତ ୧୧୦ରୁ ଅଧିକ ମୋବାଇଲ୍ ଫୋନ୍ ଜବତ ହୋଇଛି । ଗିରଫ ୭ ଜଣଙ୍କ ମଧ୍ୟରୁ ୫ ଜଣ ମୋବାଇଲ୍ ବିକ୍ରେତା ଅଛନ୍ତି । ଅନ୍ୟ ୨ ଜଣ ଏକ ନିର୍ଦ୍ଦିଷ୍ଟ ସର୍ଭିସ୍ ପ୍ରୋପାଇଡର କମ୍ପାନୀର କର୍ମଚାରୀ ବୋଲି ସୂଚନା ଦେଇଛନ୍ତି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ । ପୋଲିସ କମିଶନର କହିଛନ୍ତି ଯେ ସହିଦନଗରର ଏକ ସାଇବର ଠକେଇର ତଦନ୍ତ କରିବା ବେଳେ ଏହି ମାମଲା ସାମ୍ନାକୁ ଆସିଥିଲା। ତଦନ୍ତ ବେଳେ ଜଣାପଡ଼ିଥିଲା ଭଦ୍ରକ, ବାଲେଶ୍ୱର ଆଖପାଖ ଜିଲ୍ଲାରୁ ବହୁ ପରିମାଣର ପ୍ରି-ଆକ୍ଟିଭେଟେଡ୍ ସିମ୍ ବାହାରକୁ ଚାଲାଣ ହେଉଥିଲା । ଉକ୍ତ ସିମଗୁଡ଼ିକ ସାଇବର କ୍ରାଇମରେ ବ୍ୟବହାର କରାଯାଉଥିଲା । ଆମେ ପ୍ରି-ଆକ୍ଟିଭେଟେଡ୍ ସିମକୁ ଟ୍ରାକ୍ କରି ତଦନ୍ତ କରିଥିଲୁ । ଗ୍ରାହକଙ୍କ ପରିଚୟ ପତ୍ରକୁ ନକଲ କରି ବହୁ ସିମ୍ ଆକ୍ଟିଭ୍ କରି ଅନ୍ୟ ରାଜ୍ୟକୁ ପଠାଯାଇ ଠକେଇ କରାଯାଉଛି । ଏହି ସିମ୍ ଗୋଟିଏ ଥର ବ୍ୟବହାର କରି ଫୋପାଡ଼ି ଦିଅନ୍ତି । ଫଳରେ ସାଇବର କ୍ରାଇମ୍ ବଢ଼ିଥାଏ। ଏତେ ସଂଖ୍ୟାରେ ସିମ୍ କିଭଳି ଆକ୍ଟିଭେଟ୍ ହେଉଛି । କିଭଳି ବାହାରକୁ ଯାଉଛି । ଏସବୁର ତଦନ୍ତ କରାଯିବ ବୋଲି କହିଛନ୍ତି ପୋଲିସ କମିଶନର । ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବ । ରାଜ୍ୟ ବାହାରକୁ ଏହି ସାଇବର କ୍ରାଇମ୍ ଚେର ଲମ୍ବିଛି । ଗୋଟିଏ ପ୍ରି-ଆକ୍ଟିଭେଟ୍ ସିମର ମୂଲ୍ୟ ୫ ଶହ ଟଙ୍କାରୁ ଅଧିକ । ପ୍ରି-ଆକ୍ଟିଭେଟ୍ ସିମକୁ ଗିରଫ ଅଭିଯୁକ୍ତ କୋରିଅର ମାଧ୍ୟମରେ ବାହାର ରାଜ୍ୟକୁ ପଠାଉଥିଲେ ବୋଲି ସେ ସୂଚନା ଦେଇଛନ୍ତି।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୩୭,୫୬୬ ନୂଆ ମାମଲା

ନୂଆଦିଲ୍ଲୀ, ୨୯।୬(ପି.ଏନ): ଦେଶରେ ଗତ ୨୪ଘଂଟା ମଧ୍ୟରେ ୩୭,୫୬୬ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୯୦୭ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩,୦୩,୧୬,୮୯୭ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୫,୫୨,୬୫୯ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩,୯୭,୬୩୭ଜଣ ମୃତ୍ୟୁ ବରଣ କରିଛନ୍ତି ।

## ୨କୋଟି ଟଙ୍କାର ହରିଲୁଟ୍ ଅଭିଯୋଗ ନେଇ ଦେଢ ବର୍ଷ ଧରି ଭିଜିଲାନ୍ସ ନିରବ

ରାଉରକେଲା, ୨୯।୬(ପି.ଏନ): ରାଉରକେଲା ସେଂଟ୍ରାଲ ପାର୍କରେ ହୋଇଥିବା ପାଖା ପାଖି ୨କୋଟି ଟଙ୍କାର ଦୁର୍ନୀତିକୁ ନେଇ ଭିଜିଲାନ୍ସ ବିଭାଗ ଦେଢ ବର୍ଷ କାଳ ନିରବ ରହିବା ପରେ ବିରୋଧୀ କଂଗ୍ରେସ ଓ ବିଜେପି ଏହି ଘଟଣାରେ ବିଧାୟକ, ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଏଭଳି ହରିଲୁଟ ଲାଗି ଦାୟୀ ବୋଲି ଅଭିଯୋଗ କରିବା ସହ ତୁରନ୍ତ ମାମଲାର ତଦନ୍ତ କରି ଦୋଷୀକୁ ବାନ୍ଧିବା ଲାଗି ଦାବି କରାଯାଇଛି । ସେପଟେ ଭିଜିଲାନ୍ସର ସ୍ଥାନୀୟ ଡିଏସପି ବିରେନ୍ଦ୍ର ନାୟକ କହିଛନ୍ତି, ଦେଢ ବର୍ଷ ହେଲା ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ଚିଠି ଯାଇଥିଲା କୌଣସି ଉତର ନଆସିବାରୁ ତଦନ୍ତ ହୋଇପାରିନି, ଚିଠି ଆସିଲେ ତଦନ୍ତ ହେବ । ରାଉରକେଲା ସହରର ଛେଣ୍ଡ ଠାରେ ଥିବା ସେଂଟ୍ରାଲ ପାର୍କ ର ନବୀକରଣ ଲାଗି ସେ ସମୟରେ ଆରଡିଏ ତରଫରୁ କୋଟିଏ ୮୦ ଲକ୍ଷ ଖର୍ଚ୍ଚ କରାଯାଇଥିଲା । ସେଠାରେ ବୋଟିଂ, ଖେଳ କୁଦ ଲାଗି ଏହି ଖର୍ଚ୍ଚ ହୋଇଥିଲା । ହେଲେ ଗୋଟାଏ ଗାତ ଖୋଳ ଗଲା, ସେଥିରେ କିଛି ପିଲା ବୁଡିକି ମଲେ, କିନ୍ତୁ ଆଜିଯାଏ ବୋଟ୍ ଦେଖା ଗଲାନି । ଜଣେ ବ୍ଲାକ ଲିଷ୍ଟ ହୋଇଥିବା ଠିକାଦାରଙ୍କ ଦ୍ୱାରା ଏସବୁ କାମ କରାଗଲା । ସେ ସମୟରେ ବର୍ତ୍ତମାନର ବିଜେଡି ବିଧାୟକ ସାରଦା ନାୟକ ଆରଡିଏର ଅଧକ୍ଷ ଦାୟିତ୍ୱରେ ଥିଲେ ଓ ତତ୍କାଳିନ ଜିଲ୍ଲାପାଳ ରଶ୍ମିତା ପଣ୍ଡା ଯିଏକି ନିଜ ଘରସଜ୍ଜାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିବାର ଅଭିଯୋଗ ହୋଇଥିଲା । ସେ ଆରଡିଏର ସଚିବ ଦାୟିତ୍ୱରେ ଥିଲେ। ଜଣେ ନିୟମିତ ହୋଇ ନଥିବା ଜେଇ ମଧ ଆରଡିଏରେ ଏସବୁ କାମର ଦାୟିତ୍ୱରେ ଥିଲେ, ଯାହାଙ୍କୁ କରିତକର୍ମା ବୋଲି କୁହାଯାଏ। ତେବେ ଦେଢ ବର୍ଷ ତଳେ କଂଗ୍ରେସ ନେତା ରଶ୍ମି ରଞ୍ଜନ ପାଢୀ ଓ ଜିଲ୍ଲା କଂଗ୍ରେସ ଏନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ କରିବା ସହ ଏତଲା ମଧ ଦେଇଥିଲେ । ବିଜେପି ମଧ ସ୍ୱର ଉତୋଳନ କରିଥିଲା । ହେଲେ କୌଣସି ତଦନ୍ତ ହେଲା ନାହିଁ। ବର୍ତ୍ତମାନ ସେହି ଯାଗାରେ ପୁଣି ୨୫ କୋଟି ଖର୍ଚ୍ଚ ହେବ ଓ ପାର୍କର ଉନ୍ନତିକରଣ ହେବ ବୋଲି କୁହାଯିବାରୁ ପୁରୁଣା ହରିଲୁଟକୁ ତଦନ୍ତ କରି ଦୋଷୀକୁ ଧରାଯାଉ ତା ପରେ ନୂଆ କାମ ହେଉ ବୋଲି ବିଜେପି ଓ କଂଗ୍ରେସ ଭିଜିଲାନ୍ସ ନିକଟରେ ଦାବି କରିଛନ୍ତି । ଏହାଛଡା ସେମାନେ କହିଛନ୍ତି, ସେତେବେଳେ ମୁଖ୍ୟମନ୍ତ୍ରୀ ବିଧାୟକ ସାରଦା ବାବୁଙ୍କୁ ଆରଡିଏ ଅଧକ୍ଷ କରିଥିଲେ, ତାଙ୍କ ସମୟରେ ଏସବୁ ହରିଲୁଟ୍ ହୋଇଛି,ଏନେଇ ମନ୍ତ୍ରୀ ପ୍ରତାପ ଜେନା, ବିଭାଗୀୟ ସଚିବ, ବିଧାୟକ ଓ ମୁଖ୍ୟମନ୍ତ୍ରୀଙ୍କୁ କାହିଁକି ଦାୟୀ କରାନଜିବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ଏନେଇ ବିଧାୟକ ସାରଦା ବାବୁ କେତେକ ମିଡିଆକୁ କହିଛନ୍ତି, ଯେଉଁ ତଦନ୍ତ ହେଲେ ତାଙ୍କର ଆପତି ନାହିଁ । ସେପଟେ ଭିଜିଲାନ୍ସର କହିବା ଅନୁଶାରେ, ତଦନ୍ତ ଲାଗି ଚିଠିଯାଇଥିଲା ଉତର ଆସିଲାନି । ସେ ସମୟର ନିର୍ଦ୍ଦେଶକଙ୍କର ନିକଟରେ ଦେହାନ୍ତ ହୋଇଛି , ତେଣୁ ସେ ସିନା କିଛି କହିପାରିବେନି କିନ୍ତୁ ଫାଇଲ ସତ କହିବ,ଏହା ଛଡା ଇଂଟରନେଟ ଯୁଗରେ ଚିଠି ଜିବା ଆସିବା ଲାଗି ଦେଢ ବର୍ଷ କେମିତି ଲାଗୁଛି ସରକାରଙ୍କର ଏ କିଭଳି ବ୍ୟବସ୍ଥା ବୋଲି ସାଧାରଣରେ ପ୍ରଶ୍ନ ହେଉଛି । ଯଦି ଏହାକୁ ଧରାଯାଏ ତେବେ ରାଉରକେଲାରେ ଭିଜିଲାନ୍ସ ବିଭାଗର ମୂଳ ଲକ୍ଷ୍ୟ ଆଦୌ ଭଲ ନୁହେଁ ବୋଲି କୁହାଯାଇପାରିବ । ତେଣୁ, ବର୍ତ୍ତମାନର ଭିଜିଲାନ୍ସ ମୁଖ୍ୟ ଏନେଇ ସମ୍ପୂର୍ଣ୍ଣ ତଦନ୍ତ କରିବା ସହ ରାଉରକେଲା ଭିଜିଲାନ୍ସରେ ରହିଥିବା ସମସ୍ୟାର ସମାଧାନ କରି ଭିଜିଲାନ୍ସର ସମ୍ମାନ ରକ୍ଷା କରିବାକୁ ଦାବି ହୋଇଛି ।


MAHARISHI PUBLIC SCHOOL
ମା ନିବେଦିତାସ୍ତୁ

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ଐସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କେବଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

### ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ “ଦି ଇଣ୍ଟରଭ୍ୟୁ ଟାଇମ୍ସ” ପରିବାର ତରଫରୁ ସମ୍ମାନଜନକ “ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି” ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସ୍ୱତନ୍ତ୍ର ସଂଖ୍ୟା “ଭିଜନ୍ ଅଫ୍ ଓଡ଼ିଶା-୨୦୧୯” ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଜୁନ ୩୦

# ଟିକାକରଣ ବ୍ୟାପକ ହେଉ

ମହାମାରୀ କରୋନାର ଦ୍ୱିତୀୟ ଲହର ସଂକ୍ରମଣ ଧିରେ ଧିରେ ହ୍ରାସ ପାଉଛି। ଦୈନିକ ସଂକ୍ରମଣ ୧୨ ଲକ୍ଷରୁ ଏବେ ୫୦ ହଜାର ତଳେ ରହିଛି। ସଂକ୍ରମଣ ସୁଧାର ସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟଗୁଡିକ ଦୀର୍ଘ ଦୁଇ ମାସିଆ ଲକଡାଉନକୁ କୋହଳ କଲେଣି କିମ୍ବା କଟକଣା କୋହଳ କରିବାକୁ ନୂଆ ଗାଇଡ ଲାଇନ ଜାରି କରିଛନ୍ତି। କିନ୍ତୁ ଦେଶରେ ମହାମାରୀର ତୃତୀୟ ଲହର ସେପ୍ଟେମ୍ବର-ଅକ୍ଟୋବରରେ କାୟାବିସ୍ତାର କରିବା ନେଇ ସ୍ୱାସ୍ଥ୍ୟ ବିଶାରଦମାନେ ଚେତାବନୀ ଦେଇଛନ୍ତି। କେବଳ ଏତିକି ନୁହେଁ, ଦେଶରେ କରୋନାର ଡେଲଟା ପ୍ଲସ ଭୂତାଣୁ ୪୮ ଜଣଙ୍କ ଠାରେ ଠାବ ହୋଇଛି। ଏହି ପ୍ରଜାତିର ଭୂତାଣୁକୁ ନେଇ ଯେଭଳି ପ୍ରଚାର ଚାଲିଛି, ସେଥିରେ ଜନସାଧାରଣ ଆତଙ୍କିତ ହେବା ସ୍ୱାଭାବିକ। କହିବା ବାହୁଲ୍ୟ ଯେ, ଗତବର୍ଷ ମହାମାରୀର ପ୍ରଥମ ଲହର ସଂକ୍ରମଣ ତୁଳନାରେ ବର୍ତ୍ତମାନର ଦ୍ୱିତୀୟ ଲହର ଅଧିକ ଭୟଙ୍କର ଓ ଘାତକ ସାବ୍ୟସ୍ତ ହୋଇଛି।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ତେଣୁ ତୃତୀୟ ଲହର ନେଇ ଲୋକେ ଆତଙ୍କିତ ହେବ। ସ୍ୱାଭାବିକ। ଆହୁରି ମଧ୍ୟ ତୃତୀୟ ଲହର ଏବଂ ଡେଲଟା ପ୍ଲସ ଭୂତାଣୁ ନେଇ ସ୍ୱାସ୍ଥ୍ୟ ବିଶାରଦମାନେ ଯେଉଁଭଳି ମନ୍ତବ୍ୟମାନ ଦେଉଛନ୍ତି, ସେଥିରେ ଯେ କେହି ଆତଙ୍କିତ ନହୋଇ ରହିପାରିବେ ନାହିଁ। ତେବେ ଏସବୁର ମୁକାବିଲା ଦୁଇ ଡୋଜ ଟିକା କରିପାରିବ ବୋଲି କୁହାଯାଉଛି। ମହାମାରୀକୁ ନିର୍ମୂଳ କରିବା ପାଇଁ ଉପଯୁକ୍ତ ଔଷଧ ବାହାରି ନଥିଲେ, ଦେହରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସହାୟକ ହୋଇଛି। ଆହୁରି ମଧ୍ୟ କୁହାଯାଇଛି ଯେ, ଦୁଇ ଡୋଜ ଟିକା ନେବା ପରେ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୭୪ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ତେବେ ଏଭଳି ମୃତ୍ୟୁ ସଂପର୍କରେ ଏବେ ସ୍ୱତନ୍ତ୍ର ଭାବେ ଅନୁଧ୍ୟାନ ଜାରି ରହିଛି। ରିପୋର୍ଟ ଆସିବା ପରେ ସତ୍ୟସତ୍ୟ ଜଣାପଡିବ। କିନ୍ତୁ ଏହା ନିଶ୍ଚିତ ଯେ, ମହାମାରୀର ମୁକାବିଲା ପାଇଁ ଟିକାକରଣ ହେଉଛି ସୁରକ୍ଷା କବଚ। ଟିକାକରଣ ପ୍ରତି ଦେଶରେ ଲୋକମାନଙ୍କ ମଧ୍ୟରେ ଯେପରି ଆଗ୍ରହ, ଉତ୍ସାହ ବୃଦ୍ଧି ପାଇଛି, ତାହା ଅଦଭୂତ ପୂର୍ବ। ଦେଶରେ ପ୍ରଥମ ପର୍ଯ୍ୟାୟରେ ଟିକାର ଅଭାବ ଯୋଗୁଁ ଯେଉଁଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ସେଥିରେ ଟିକାକରଣ ଅଭିଯାନର ସଫଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। କେନ୍ଦ୍ର ସରକାରଙ୍କୁ ସବୁଆଡୁ ସମାଲୋଚିତ ହେବାକୁ ପଡିଥିଲା। କରୋନା ପରିଚାଳନାରେ ବିଫଳତା ନେଇ ମୋଦୀ ସରକାରଙ୍କ ଲୋକପ୍ରିୟତା ପ୍ରତି ଆଂଚ ଆଣିଥିଲା। ତେବେ କେନ୍ଦ୍ର ସରକାର ନିଜର ତୃଟି ସୁଧାରୀ ଗତ ୨୧ ତାରିଖ ଠାରୁ ନୂତନ ଟିକା ନୀତି ଲାଗୁ କରିଛନ୍ତି। ଏକ ରିପୋର୍ଟରୁ ଜଣାଯାଇଛି ଯେ, ଗତ ସପ୍ତାହକ ମଧ୍ୟରେ ଦେଶରେ ୩କୋଟି ୭୭ଲକ୍ଷ ଲୋକ ଙ୍କୁ ଟିକାକରଣ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଦେଶରେ ୩୨୦ କୋଟିରୁ ଅଧିକ ଲୋକ ଟିକା ନେଇ ସାରିଲେଣି। ଅନ୍ୟପକ୍ଷରେ ଚଳିତ ବର୍ଷ ଶେଷ ସୁଦ୍ଧା ଦେଶରେ ଟିକାକରଣ ସଂପୂର୍ଣ୍ଣ ଅର୍ଥାତ ଦେଶର ସମସ୍ତ ନାଗରିକଙ୍କୁ ଟିକାକରଣ ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ଯାହାକି ସ୍ୱାଗତ ଯୋଗ୍ୟ। ଦେଶରେ ଟିକାକରଣକୁ କୋହଳ ତଥା ସଜହ ଲବ୍ଧ କରିବା ପାଇଁ ଇତିମଧ୍ୟରେ ପଂଜୀକରଣମୁକ୍ତ କରାଯାଇଛି। ଟିକାଦାନ କେନ୍ଦ୍ରରେ ପଞ୍ଜୀକରଣ ସହ ଟିକା ମିଳିବ। ନୂତନ ଟିକାନୀତି କାର୍ଯ୍ୟକାରୀ ହେବା ପରେ ଦେଶରେ ଟିକାଦାନ କେନ୍ଦ୍ରଗୁଡିକ ନିକଟରେ ଯେପରି ଲମ୍ବା ଧାଡି ଲାଗି ରହୁଛି, ଏଥିରୁ ଟିକା ପ୍ରତି ଆଗ୍ରହ, ଉତ୍ସାହ ସ୍ୱଷ୍ଟ ଅନୁମେୟ। ନିକଟରେ ଗୁଜରାଟ ସରକାର ବାଣିଜ୍ୟ, ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକରେ ଟିକାଦାନକୁ ବାଧ୍ୟତାମୂଳକ କରିଛନ୍ତି। ଟିକା ନନେଲେ ଦୋକାନ ବନ୍ଦ ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଉତରପ୍ରଦେଶ ଓ ଉତର ପୂର୍ବାଚଂଳ ରାଜ୍ୟଗୁଡିକର କେତେକ ଅଂଚଳରେ ସ୍ଥାନୀୟ ପ୍ରଶାସନ ମଧ୍ୟ ଅନୁରୂପ ନିର୍ଦ୍ଦେଶନାମା ଜାରି କରିଛନ୍ତି। ମେଘାଳୟର ହାଇକୋର୍ଟ ମଧ୍ୟ ରାଜ୍ୟର ସମସ୍ତ ଦୋକାନ ବଜାର, ବାଣିଜ୍ୟିକ ପ୍ରତିଷ୍ଠାନ ଏବଂ ବାଣିଜ୍ୟିକ ଯାନବାହାନରେ ସେମାନଙ୍କ ସଂସ୍ଥାର ଦୈନନ୍ଦିନ ଟିକାକରଣ ନେଇ ଷ୍ଟାଟସ ରିପୋର୍ଟ ଲଟକାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା କୁହାଯାଇପାରେ ଯେ, ମହାମାରୀର ସମ୍ଭାବ୍ୟ ତୃତୀୟ ଲହର ଓ ଡେଲଟା ପ୍ଲସ ଭୂତାଣୁର ସଂକ୍ରମଣର ପ୍ରତିହିତ ପାଇଁ ଟିକାକରଣକୁ ବ୍ୟାପକ ଓ ଯୋରଦାର କରାଯିବା ବର୍ତ୍ତମାନ ସମୟର ସବୁଠାରୁ ବଡ ଆବଶ୍ୟକତା। କେବଳ ଏତିକି ନୁହେଁ କୋଭିଡ-୧୯ ଗାଇଡଲାଇନକୁ କଡାକଡି ପାଳନ ସହ ମାସ୍କ ପରିଧାନ, ସାମାଜିକ ଦୂରତା ରକ୍ଷା, ବାରମ୍ବାର ହାତ ଧୋଇବା ଏବଂ ଅଯଥା ଭିଡକୁ ଏଡାଇବା ପାଇଁ ଜନସାଧାରଣ ସଂକଳ୍ପବଦ୍ଧ ହେବା ଜରୁରୀ। କାରଣ ପ୍ରତିଟି ଲୋକ ସୁରକ୍ଷିତ ନହେବା ପର୍ଯ୍ୟନ୍ତ କେହି ଜଣେ ସୁରକ୍ଷିତ ହୋଇପାରିବେ ନାହିଁ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

ପାଠକୀୟ ମତାମତ ଓ ପରାମର୍ଶ ସ୍ୱପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# କଲ୍ୟାଣ ଗଙ୍ଗାର ନାଉରୀ – ଦେବାଶିଷ ପାଣିଗ୍ରାହୀ

ବିଚିତ୍ର ଏ ବିଶ୍ୱ। ସୃଷ୍ଟି ବିଚିତ୍ର ,ସ୍ରଷ୍ଟା ବିଚିତ୍ର ,ବିଚିତ୍ର ଏହି ସୁନ୍ଦର ପୃଥିବି , ବିଶ୍ୱ ନିୟନ୍ତାଙ୍କର କ୍ରୁର ନିର୍ଦ୍ଦେଶରେ ମଣିଷ , ପଶୁ , ପକ୍ଷୀ ,ବୃକ୍ଷଲତା,କିଟପତଙ୍ଗ ସମସ୍ତେ କାଳର କରାଳ ଗତିରେ ବିଲୀନ । ଆଜିବି ବିଲାନ ହେଉଛନ୍ତି କେତେ ରଥି ମହାରଥି , ସେଥି ମଧ୍ୟରୁ ଜଣେ ହେଲେ ଡ଼ଃ ଦେବାଶିଷ ପାଣିଗ୍ରାହି ଯିଏ ଭାରତିୟ ପୁଲିସ ସେବାର ବରିଷ୍ଠ ଅଧିକାରୀ ତଥା ରାଜ୍ୟ ଦୁର୍ନିତି ନିବାରଣ ବିଭାଗର ନିର୍ଦ୍ଦେଶକ କରୋନାରେ ୫୬ ବର୍ଷ ବୟସରେ ଆଖି ବୁଜି ଦେଲେ। ୧୯୬୫ ମସିହା ଅଗଷ୍ଟ ୨୯ ତାରିଖରେ ବାଲେଶ୍ୱର ଜିଲ୍ଲାର ନିଳଗିରି ଠାରେ ଜନ୍ମ ଗ୍ରହଣ କରିଥିଲେ , ତାଙ୍କ ପିତା ବୃନ୍ଦାବନ ପାଣିଗ୍ରାହୀ ଓ ମାତା ସୌଦାମିନୀ ପାଣିଗ୍ରାହୀ । ତାଙ୍କର ପିତା ଜଣେ ଓଏଫଏସ୍ ଅଫିସର ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ଜଣେ କଳାକାର , ସାହିତିକ ଓ ସଂକୃତି ପ୍ରେମି ଥିଲେ । ଦେବାଶିଷ ପାଣିଗ୍ରାହି ଉତ୍କଳ ବିଶ୍ୱ ବିଦ୍ୟାଳୟ ରୁ ରାଜନିତ ବିଜ୍ଞ୍ୟାନ ରେ ଏମ୍.ଏ ପାସ୍ କରି ଜେଏନ୍‌ୟୁରେ ଏମ୍‌ଫିଲ ଓ ପରେ ପିଏଚ୍‌ଡ଼ି ଡ଼ିଗ୍ରିଂ ହାସଲ କରିଥିଲେ । ସେ ମଧ୍ୟ ଆଇନରେ ସ୍ନାତକ ଥିଲେ । ସେ ଛୋଟ ବେଳ ଠାରୁ ଗଳ୍ପ ଓ କବିତା ରେ ମନନିବେଷ କରିବା ସହିତ କଳାକାର ଭାବରେ ଅଭିନୟ କରୁଥିଲେ । ସିଭିଲ ସର୍ଭିସ୍ ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ୧୯୯୧ ମସିହାରେ ଆଇପିଏସ୍ ପୁଲିସ ପ୍ରଶାସକ ଭାବରେ ଯୋଗ ଦେଇଥିଲେ । ସେ କେନ୍ଦୁଝର , ଭୁବନେଶ୍ୱର, ପୁରୀ, ଗଞ୍ଜାମ ଓ କଟକ ଜିଲ୍ଲାରେ ଆରକ୍ଷୀ ଅଧିକ୍ଷକ ଭାବେ ସଫଳତାର ସହ କାର୍ଯ୍ୟ କରିଥିଲେ । ସେ ଜଣେ ପ୍ରଶାସକ ଭାବେ ଯେତିକି



ଅକ୍ଷୟ କୁମାର ରାଉତ

କର୍ତବ୍ୟନିଷ୍ଠ ସେତିକି ସାହିତ୍ୟନୁରାଗୀ ବ୍ୟକ୍ତି ଭାବେ ଓଡ଼ିଶାରେ ପରିଚିତ । ସେ ୭ ଟି ଉପନ୍ୟାସ ଓ ୯ ଟି କ୍ଷୁଦ୍ର ଗଳ୍ପ ଓଡ଼ିଆ ଭାଷାରେ ଲେଖିବା ସହ "ଥିଙ୍ଗ୍‌ସ୍ ଲେଫ୍ଟ "ଅନ୍‌ସେଡ଼'' ଭଳି ଇଂରାଜି ପୁସ୍ତକ ପ୍ରକାଶ କରିଛନ୍ତି । ସେ ଜଣେ ଗୀତିକାର ଭାବେ ତାଙ୍କର ଅନେକ ଗୀତ ଓ ନାଟକର ଭିଡ଼ିଓ ଆଲବମ୍ ପ୍ରସ୍ତୁତ କରିଛନ୍ତି । ତାଙ୍କର ବହୁତ ନାଟକ ଓ ଗୀତ ସିନେମା ଏବଂ ଟେଲିଭିଜନ ରେ ପ୍ରସାରିତ ହୋଇଛି । ଉଲ୍ଲେଖନୀୟ ସାହିତ୍ୟ କୃତି ପାଇଁ ତାଙ୍କୁ ୨୦୦୨ ମସିହାରେ ଓଡ଼ିଆ ସାହିତ୍ୟ ଆକାଡ଼େମୀ ପୁରସ୍କାର ଦେଇଛନ୍ତି । ତାଙ୍କର ଅନେକ ପୁସ୍ତକ ବଙ୍ଗଳା, ତେଲୁଗୁ ,କନ୍ନଡ଼ା ଓ ଇଂରାଜିରେ ଅନୁବାଦହୋଇଛି । ୨୦୧୬ ମସିହା ଡ଼ିସେମ୍ବର ୨୫ ତାରିଖ ରୁ ସେ ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ଆସୁଥିଲେ । କରୋନା ଆକ୍ରାନ୍ତ ହେବାରୁ ଗତ ତା ୦୮/୦୬/୨୦୨୧ ଠାରୁ କଲିକତା ର ମେଡ଼ିକା ଅତ୍ୟାଧୁନିକ ଡ଼ାକ୍ତରଖାନା କୁ ଏକ୍‌ମୋ ଚିକିତ୍ସା ପାଇଁ ଭୂବନେଶ୍ୱର ରୁ ସ୍ୱତନ୍ତ୍ର ବିମାନ ଯୋଗେ ପଠା ଯାଇଥିଲା । କିନ୍ତୁ ଗତ ୧୮.୦୬.୨୦୨୧ ଶୁକ୍ରବାର ରାତ୍ରି ୧୦ ଟା୧୫ ମିନିଟ୍ ରେ ତାଙ୍କର ପରଲୋକ ହୋଇଗଲା । ତାଙ୍କର ସୁଗାୟିକା ପତ୍ନୀ ଅଧ୍ୟାପିକା , ତାଙ୍କର ଦୁଇଟି ପିଲା କୁ ନେଇ ସଂସାର । ତାଙ୍କ ଠାରୁ ଓଡ଼ିଶା ର ସାହିତ୍ୟ ଜଗତ ବହୁତ କିଛି ଆଶା କରୁଥିଲା ହେଲେ ସମୟ ସହି ପାରିଲାନି ତାଙ୍କର ଯଶ ଓ ଖ୍ୟାତି । ସେ ବିଲିନ ହୋଇ ଗଲେ ସମୟର ସ୍ରୋତରେ । ଯେ ପ୍ରର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ ଥିବ ସେ ପ୍ରର୍ଯ୍ୟନ୍ତ ଆମ ଭିତରେ ସେ ବଂଚି ରହିବେ ।

ପାରାଦ୍ୱୀପ ଗଡ଼, କୁଜଙ୍ଗ,
ଜଗତସିଂହପୁର
ମୋ-୯୯୩୭୬୯୧୪୭୫.

# ନିଜେ ମଲେ ହିଁ ସ୍ୱର୍ଗ ଦେଖିବେ

ମୁଁ ସନ୍ତୋଷ କହୁଛି। ସନ୍ତୋଷ ଗାନ୍ଧୀ ନୁହେଁ ସନ୍ତୋଷ ପ୍ରଧାନ, ମଳିମୁଣ୍ଡିଆ ରାଜମିସ୍ତ୍ରୀ। ତେଣୁ ମୋ କହିବା କଥା କାହାର ବିଶ୍ୱାସ ହୋଇପାରେ କାହାର ହୋଇନପାରେ।ମୋର ସେଥିରେ କିଛି ଅସୁବିଧା ନାହିଁ। ମୁଁ ବି କାହାକୁ ବାଧ କରିବା ପରିସ୍ଥିତିରେ ଆଜି ଆଦୌ ନାହିଁ, କାରଣ କିଛିଦିନ ପୂର୍ବରୁ ମୋର ଦେହାନ୍ତ ହୋଇ ମୁଁ ସ୍ୱର୍ଗବାସୀ ହୋଇ ସାରିଲିଣି। କାଲି ପରି ଲାଗୁଛି, ପ୍ରାୟ ତେଇଶି ବର୍ଷ ତଳେ, ୧୯୯୮ରେ ପେଟ ପୋଷିବା ପାଇଁ ମୁଁ ଏଇ ରାଜଧାନୀ ଭୁବନେଶ୍ୱର ଆସି ଦୁଇବର୍ଷ କେବଳ ହେଲ୍ପର କାମରେ ରହି ତାପରେ ରାଜମିସ୍ତ୍ରୀ କାମପାଇଗଲି। ପାଂଚବର୍ଷ ପରେ ଘରୋଇ ଘର ଠିକାକାମ ମିଳିବାରୁ ଜମାଖାତାରେ କିଛି ଭଲ ପରିମାଣର ପୁଂଜି ଜମାହେବାକୁ ଲାଗିଲା। ଲୋକଙ୍କକଥାରେ ଚିଟ୍‌ଫଣ୍ଡରେ ଲକ୍ଷଟଙ୍କା ରଖିଥିଲି ପାଂଚବର୍ଷରେ ପାଂଚଗୁଣା ପାଂଚଲକ୍ଷ ପାଇବାକୁ ଯେ ସେଧନ ସମୂଳେ ପୁରା ବୁଡିଗଲା। ଫେରସ୍ତ ମିଳିବ ବୋଲି ଅନେଇ ଅନେଇ ଆଖି ଦୁଇଟା କୋରଡରେ ପଶିଗଲା। କିଛିବର୍ଷ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅପାରକରୁଣାରୁ ବିଜେବିନଗରର ବସ୍ତିଅଂଚଳରେ ଘରଟିଏ ମିଳିଲା। ସେହିଘରେ ପରିବାରସହ ରହି ଭଲକାମ ପାଉଥିଲି। ପରିବାର କହିଲେ ଆମେ ସମୁଦାୟ ଚାରିଜଣ। ମୋ ପୁଅ +୨ ବିଜ୍ଞାନ ଛାତ୍ର, ଝିଅ ନବମଶ୍ରେଣୀର ଛାତ୍ରୀ ଏବଂ ମୋ ସ୍ତ୍ରୀ ଓ ମୁଁ। ଏବେ ରାଜମିସ୍ତ୍ରୀ କାମ କରୁକରୁ ଘରୋଇଘର କେତେଟା ଠିକା ମିଳିଲାପରେ ବର୍ଗଫୁଟ ଦରରେ ସେହି କୋଠାଗୁଡିକ ଗଢୁଥିଲି। ସବୁକିଛି ଠିକ୍‌ଠାକ୍ ଚାଲିଥିଲା। ଆମେମାନେ ସମସ୍ତେବହୁତ ଭଲରେ ସପରିବାର କାଳାତିପାତ କରୁଥିଲୁ। ପଇସା ସଂଚିସଂଚି ଚାରିବର୍ଷ ତଳେ ସୁନ୍ଦରପଦା ହାଇଟେକ୍‌ପ୍ଲାଜା ପଛକୁ ଜାଗାଟିଏ ବି କିଣିଥିଲି। ଇଚ୍ଛାଥିଲା ଘରଟିଏ କରି ଭଡାକୁ ଦେଇଦେଲେ ମାସକୁ ଚାରିପାଂଚ ହଜାର ଟଙ୍କାର ସ୍ଥାୟି ରୋଜଗାରଟିଏ ମିଳିଯାନ୍ତା। ସବୁଦିନେ କ'ଣ ସବୁକଥା ସମାନ ରହିବ! କେତେବେଳେ ଦେହପା ଖରାପ ଯୋଗୁଁ କାମ ନକରିପାଇଲେ ଯାହିତାହି ପଖାଳକଂସା ସାଙ୍ଗକୁ ଆଳୁସିଝାରେ ଲଙ୍କାଲୁଣ ଦଳିବାକୁ ଘରଭଡାପଇସା କୁଳେଇଯିବ। ବୁଢାଦିନକୁ ଭେଣ୍ଡାପୁଅ ପରି ବଳ ଦେବ। ଘରୋଇ କାମରେ କ'ଣ ପେନ୍‌ସନ୍ ଅଛି ଯେ ଚଳିଯିବୁ! କିନ୍ତୁ ଭଗବାନଙ୍କର ଇଚ୍ଛା ଥିଲା ଅଲଗା। କରୋନା ନିୟନ୍ତ୍ରଣ ପାଇଁ ବସ୍ତିରେ ସଭାଟିଏ କରିବା ଦିନ ମୁଁ ପ୍ରାୟ କୋଡିଏ କି ତିରିଶ ଜଣଙ୍କ ସହ ପାଖାପାଖି ଛିଡା ହୋଇଛି। ଅନେକଙ୍କୁ କାଶଥଣ୍ଡା ଛିଙ୍କ ହେଉଥିଲା। ତା'ପରେ ମୋର ଛଅଟି ସାଇଟ୍ ଚାଲିଥିଲା। ସବୁସାଇଟ୍‌ରେ ହାରାହାରି ପାଂଚରୁ ଛଅଜଣ ଲେଖାଏଁ ମଣିଷ ନିତିଦିନ କାମ କରନ୍ତି। ଏମିତି ପ୍ରତିଦିନ ମୋ ସଂସ୍ପର୍ଶରେ ପ୍ରାୟ ତିରିଶରୁ ଅଧିକ ସଂଖ୍ୟାରେ ମୂଲିଆ ଫି ଦିନ ଆସିଥାନ୍ତି। କାହାଠାରୁ କରୋନା ଡେଇଁଲା ମୁଁ ଜାଣିନି। ହେଲେ ପ୍ରଥମେ ମୋତେ ଜର ହେଲା। ଦୁଇଦିନରେ ସାରା ପରିବାର ଦେହତାତି ଖଇ ଫୁଟିଲା। ସମସ୍ତେ ଥଣ୍ଡାକାଶରେ ଆକ୍ରାନ୍ତହୋଇ ପ୍ରଥମେ ମାମୁଲି ଔଷଧ କିଣି ଖାଇଲୁ। ଆମ ତିନିଜଣଙ୍କର କମିଗଲା କିନ୍ତୁ ମୋ ସ୍ତ୍ରୀର ଜର ଭଲହେଲାନି। ସମସ୍ତଙ୍କର କରୋନା ପରୀକ୍ଷା କରେଇଲୁ। ମୋତେ ଛାଡିକି ସମସ୍ତଙ୍କର କରୋନା ପଜିଟିଭ୍ ଆସିଲା। ମୋଦେହରେ କିନ୍ତୁ କରୋନା ଲକ୍ଷଣ ସବୁଥିଲା, ହେଲେ ପରୀକ୍ଷାରେ ନେଗେଟିଭ୍ ଆସିବାରୁ ମୁଁ ଟିକେ ବେଫିକର ହୋଇଗଲି। ମୋପରି ଯେଉଁମାନେ ଏମିତି ଏବେ ଭାବୁଛନ୍ତି ଯେ ତାଙ୍କୁ କରୋନା ହୋଇଛି କିନ୍ତୁ ପରୀକ୍ଷାରେ ବାହାରିଲାନି, ସେମାନଙ୍କ ପାଇଁ ମୋର ଛୋଟିଆ ଉପଦେଶ ହେଲା ଅତିକମ୍‌ରେ ତିନି ଚାରୋଟି ଭିନ୍ନଭିନ୍ନ ଜାଗାରେ ପରୀକ୍ଷା କରାଇ ନିଅନ୍ତୁ। ନହେଲେ ମୋପରି ପସ୍ତେଇ ସ୍ୱର୍ଗବାସୀ ହୋଇଯିବେ। ସଂସାର ଭାସିଯିବ, ପିଲାଛୁଆ ବାର ଦୁଆର ସୁଙ୍ଘିପିଣ୍ଡା ହେବେ।

ଆମେ ସମସ୍ତେ ଘରେ ରହି କରୋନା ଔଷଧ ଖାଇବା ଆରମ୍ଭ କରିଦେଲୁ, ହେଲେ ମୋ ସ୍ତ୍ରୀର ଅବସ୍ଥା ଦିନୁଦିନ ଖରାପ ହେବାରୁ ସମ୍ ହସ୍ପିଟାଲ୍‌ରେ ନେଇ ଦାଖଲା କରେଇଲି। ବାହାରେ ରହି ଜଗିବାକଥା, ଭିତରକୁ ଯାଇ ରୋଗୀ ଦେଖିବାକୁ କାହାକୁ ଅନୁମତି ନାହିଁ। ଯାହାହେଉ ମୋ ସ୍ତ୍ରୀକୁ ଦେଖାରେଖା କରିବା ଭିତରେ ଯଦିଓ ମୋ ନିଜଦେହ ଭଲ ଲାଗୁନଥାଏ, ତଥାପି ମୁଁ ସେପଟେ ଧ୍ୟାନ ଦେଲିନି। ଘରେ ପୁଅଝିଅଙ୍କୁ ବାହାରୁ ଆଣି ଖାଇବା ଦେବାପରେ ସ୍ତ୍ରୀ କଥା ବୁଝିବା ଭିତରେ ମୋ ନିଜପାଇଁ ସମୟ ଅଂଟିଲାନି। ସ୍ତ୍ରୀର ଧର୍ମବଳ ଟାଣସାଙ୍ଗକୁ ବୋଧହୁଏ ଅୟୁଷ ଅଧିକ ଥିଲା, ତେଣୁ ଅଠରଦିନରେ ସେ ଭଲହୋଇ ଘରକୁ ଆସିଲା। ତା'ପାଇଁ ଦେଢଲକ୍ଷ ଖର୍ଚ୍ଚ ହେଲା ଏବଂ ଚାଳିଶବର୍ଷରେ ଅଶି ବୟସ୍କ ବୁଢୀପରି ଡାକ୍ତରଖାନାରୁ ବାହାରି ଘରକାମଦାମ ଆଉ କିଛି କରି ପାରିଲାନି। ସପ୍ତାହପରେ ଦିନେ ମୋର ନିଶ୍ୱାସ ନେବାରେ ଛାତିରେ ଭୀଷଣ କଷ୍ଟହେବାରୁ ପୁଣିଥରେ କରୋନା ପରୀକ୍ଷା କରେଇଲୁ। ଏଥର ମୋର ପଜିଟିଭ୍ ଆସିବାରୁ ମୁଁ ବି ସେଇ ସମ୍ ହସ୍ପିଟାଲ୍‌ରେ ଦାଖଲା ନେଲି। ଭାବିଲି ସ୍ତ୍ରୀ ଯେତେବେଳେ ଏଇଠି ଭଲହୋଇ ଘରକୁ ଫେରିଲା, ମୁଁ ବି ଦିନେ ସେମିତି ଫେରିବି। କିନ୍ତୁ ସେ ହସ୍ପିଟାଲ୍‌ରେ ରହି ମୁଁ ଯେତେବେଳେ ସବୁକଥା ଅଙ୍ଗେ ନିଭେଇଲି ପ୍ରକୃତ କରୋନା କଷ୍ଟ କଣ ଜାଣିଲି, ମୋ ସ୍ତ୍ରୀକୁ ମନଭିତରେ ଧନ୍ୟବାଦ ଦେଲି। ଏତେ କଷ୍ଟ ପାଇବି ଦିନେ ସିଏ ମୋତେ ଡାକ୍ତରଖାନା କି ନର୍ସମାନଙ୍କ ବିରୁଦ୍ଧରେ କିଛି କହିନଥିଲା। ୨୦୦ଶଯ୍ୟାକୁ ଚାରୋଟି ନର୍ସ। ଗୋଟିଏ ମାତ୍ର ଡାକ୍ତର। ଏ କୋଣରୁ ନର୍ସଟିଏ ସେ କୋଣକୁ ଯିବାବେଳକୁ ରୋଗୀଟି ଛଟପଟ ହୋଇ ମରିଯିବା ପରି ଅବସ୍ଥା। ନିଜଲୋକ କେହି ବୋଲେ କେହି ନାହିଁ। ଶୋଷ ଲାଗୁଥିଲେ ଶୁଖିଲା ତଂଟିରେ ଦିନେ ମୋତେ ଏତେ କଷ୍ଟହେଲା ଯେ ପରଦିନ ଆମେ ସେ ହସ୍ପିଟାଲ୍‌ରୁ ଅଣ୍ଡରଟେକିଂ ଦେଇ ଚାଲିଆସି ଆମଘର ପାଖ ଅନ୍ୟଏକ ଘରୋଇ ଡାକ୍ତରଖାନାକୁ ଭରୋସା କରି ଦାଖଲା ନେଲୁ। ପରେ ଦେଖିଲୁ ଏମାନେ ସମସ୍ତେ ଗୋଟିଏ ଭାଡିର ପାରା। ସେଇ ଏକା ବ୍ୟବସ୍ଥା। ଲାଗିଲା ମହରଗରୁ ଆସି କାନ୍ତାରରେ ପଡିବା ଭଳି କଥା।

ତିନି ଚାରିଦିନ ଯାହିତାହି କଟିଲା ପରେ ନର୍ସ କହିଲେ ଅକ୍ସିଜେନ୍ ମୁଖା ପିନ୍ଧି ରହିବାକୁ। ଧିରେଧିରେ ମୋର ସ୍ୱାସ୍ଥ୍ୟ ବିଗିଡିବାକୁ ଲାଗିଲା। ଦାଖଲା ନେବାର ଦଶଦିନପରେ ମୋତେ ଲାଗିଲା ଏଠି ମୋର ମୃତ୍ୟୁ ସୁନିଶ୍ଚିତ। ସେପର୍ଯ୍ୟନ୍ତ ପରିବାର ଲୋକେ ମୋ ସହ ଭିଡିଓ କଲିଂ କରି କଥା ହେଉଥିଲେ। ସମସ୍ତେ ମୋର ଭଲ ହେବାକୁ ଚାତକ ପରି ସକାଳୁ ସଯାଏଁ ସେହି ଡାକ୍ତରଖାନା ବାହାରେ ବସିବସି ବଂଚିଛି ବୋଲି ଶୁଣି ବିଳମ୍ବିତ ରାତ୍ରୀରେ ଫେରିଯାନ୍ତି। କରୋନା ଔଷଧ ଚାଲୁଥାଏ, ସପ୍ତମ ଦିନ ମୋତେ ଭେଂଟିଲେଟରକୁ ନେଇଗଲେ। ସେଠିକୁ ଗଲାପରେ ଭାବିନେଲି ମୋର ମୃତ୍ୟୁ ପାଇଁ ଆଉ ବେଶୀ ଦିନ ନାହିଁ। ମୋତେ ଭଲ ପାଉଥିବା ଜଣେ ବାବୁଙ୍କସାଙ୍ଗରେ ଭିଡିଓ କଲିଂ କରି କଥା ହେବାକୁ ମୋ ସ୍ତ୍ରୀକୁ ଜଣେଇଲି। ସେ ବାବୁଙ୍କୁ ମୋର ସପରିବାରେ ଜାଣନ୍ତି, ତେଣୁ ବାବୁ ମୋ ସହ କଥାହେବାକୁ ହଁ ଭରି ରାତି ବାରଟା ଯାଏଁ ଚେଇଁ ରହିଲେ। ସେ ପର୍ଯ୍ୟନ୍ତ ବାବୁ ମୋତେ କରୋନା ହେବା କଥା ଜାଣିନଥାନ୍ତି, ତେଣୁ ମୋ ଶୋଚନୀୟ ଅବସ୍ଥା ଦେଖି ଦୁଃଖ କରିବା ସହ ମନୋବଳ ବଢାଇବା ପରି କିଛି କଥା କହିଲେ। ମୋର ଯାହା ଯେଉଁଠି ପଇସା ବାକି ଥାଏ ମୋ ସ୍ତ୍ରୀ ତା ଭାଇକୁ ଧରି ବୁଲିବୁଲି ମାଗିବାରୁ କିଏ କହିଲା ଆମର ପୁରା କ୍ଲିୟର୍ ତ ଆଉ କିଏ କହିଲା ସିଏ ଆସିଲେ ଦେବୁ। ସେହି ବାବୁଙ୍କର ଘର ମୁଁ ମାସେ ପୂର୍ବରୁ ଫାଇନାଲ୍ କରିଥାଏ, ସିଏ ମୋ ସ୍ତ୍ରୀ ଶୈଳବାଳା ପ୍ରଧାନ ନାଁରେ ତିନିଥରରେ ଲକ୍ଷ ପଚିଶହଜାର ଟଙ୍କା ଜମା କରିବାରୁ ଡାକ୍ତରଖାନା ଖର୍ଚ୍ଚ ଚାଲିଲା। ମୁଁ ଏସବୁ ଶୁଣିବା ପରେ ତାଙ୍କୁ ମୋର ଶେଷ କଥା କହିଲି, 'ମୋତେ ଏଠାରୁ ବାହାରକୁ ନେଇ ବଂଚେଇଦିଅନ୍ତୁ, ଏମାନେ ମୋତେ ଅଳ୍ପ ଦିନରେ ମାରିଦେବେ।' ମୁଁ ଜାଣେ ବାବୁ ବହୁତଲୋକଙ୍କ ସହ ଯୋଗାଯୋଗ କରି ମୋତେ ସ୍ଥାନାନ୍ତରିତ କରିବାରେ ବିପଦ ଅଛି ବୋଲି ଜାଣିବାକୁ ପାଇଲେ। ସେହି ଡାକ୍ତରଖାନାରୁ ଜଣେ କହିଲା ମୋତେ ୮ରେ ଅକ୍ସିଜେନ୍ ଲଗେଇ ୭୪ରହୁଛି, ତେଣୁ ସିଲିଣ୍ଡର ସଂଯୋଗ ନକରି ଆମ୍ବୁଲାନ୍ସ ଯାଏଁ ନେଲା ଭିତରେ ମୁଁ ଆଉ ନଥିବି। ତେଣୁ ସେହିଠାରେ ରହି କେମିତି ଭଲ ଚିକିତ୍ସା କରିହେବ ସେ ବିଷୟ ନେଇ ବାନାମ୍ବର, ସୁଦର୍ଶନ, ଅନ୍ନଦାବାବୁ, ଦିଲ୍ଲୀପ ଓ ବିଶ୍ୱଜିତ ପରି କିଛି ଲୋକଙ୍କ ସାହାଯ୍ୟ ନେଲେ। ସେମାନେ ବି ବେଳେବେଳେ ବିରକ୍ତ ହୋଇ ବାବୁଙ୍କୁ ମିଛ ସତ କି ଭଣ୍ଡେଇଲେ। ଦିନେ ମୋ ସ୍ତ୍ରୀକୁ ଡାକ୍ତରଖାନାର ଲୋକେ ପୁଣିଥରେ ସେହି ଏକା ପ୍ରଶ୍ନ କଲେ। ତୁମ ପାଖରେ କେତେ ମାଲ୍ ଅଛି ସଫାସଫା କୁହ? ସେତେବେଳକୁ ମୋର ଜମାପୁଂ ଏବଂ ସେହି ସୁନ୍ଦରପଦା ହାଇଟେକ୍ ପ୍ଲାଜା ପଛଜାଗା ବିକିବାକୁ ଆସିଥିବା ଅଗ୍ରିମ ଟଙ୍କା ବି ଖର୍ଚ୍ଚ ସରିଲାଣି। ସ୍ତ୍ରୀର ବାଚଳାମି ବଢିବାରେ ଲାଗିଲା। ସିଏ ମୁଁ ବଂଚିଛି କି ମଲିଣି କିଛି ଜାଣି ପାରୁନଥିଲେ। ଏଥିପାଇଁ ପରିବାର ଦାବି କରିବାରୁ ଗୋଟିଏ ଆଣ୍ଡ୍ରୟେଡ୍ ମୋବାଇଲ୍ ଫୋନ୍ ମୋ ପାଖରେ ରଖି ମୋତେ ଶୋଇଥିବାର ଦୃଶ୍ୟ ସେମାନଙ୍କୁ ଦେଖାଇବାର ବନ୍ଦୋବସ୍ତ କରାଗଲା। ମୋତେ ଆଇସିୟୁରେ ଯେଉଁ ପୋଷାକରେ ରଖିଥିଲେ ସେମିତି



ଇଂ.ବିଦ୍ୟାଧର ପଣ୍ଡା

ପୋଷାକ ସମସ୍ତେ ପିନ୍ଧିଥାନ୍ତି। କାହାକୁ ବି ଦେଖେଇ ସେମାନେ ଯଦି କହିବେ ହାତ ଉଠାଅ , ତାକୁ ଦେଖି ଯେ କୌଣସି ପରିବାର ବାହାରେ ନିଜମନକୁ ବୁଝାଇ ନିଜନିଜ ଘରକୁ ଫେରୁଥିଲେ। ପ୍ରଥମେ ପ୍ରଥମେ ସେମାନେ କହିଲା ବେଳେ ମୋ ପାଖରେ ନର୍ସ କୁହେ ହାତ ଟେକ। ମୁଁ ଅଳ୍ପ ଟିକେ କହୁଣୀ ଉପରକୁ ପାପୁଲି ହଲେଇଦେଲେ ସେମାନେ ଭାବନ୍ତି ନିଦରେ ଶୋଇଛି ତ, ତେଣୁ ଅଳ୍ପରେ ସଂକେତ ଦେଉଛି। ସେତେବେଳେ ମୋର ସାମର୍ଥ୍ୟ କେବଳ ସେତିକି ମାତ୍ର। ଡାକ୍ତରଖାନାର କୋଷାଧ୍ୟକ୍ଷ ମୋ ସ୍ତ୍ରୀକୁ ଡାକି ଶେଷରେ ପଚାରିଲେ ଯେ କେତେ ପଇସା ଖର୍ଚ୍ଚ କରିହେବ କୁହ ସେହି ଅନୁସାରେ ଡାକ୍ତର ଚିକିତ୍ସା କରିବେ। ଆମେ କଣ କରିବୁ , ତୁମ ଭାଗ୍ୟ ଖରାପ। ତୁମସ୍ୱାମୀର ସ୍ୱାସ୍ଥ୍ୟରେ ଆଦୌ ଉନ୍ନତି ହେଉନି, ଫୁସୁଫୁସୁ କରୋନା ଭୂତାଣୁ କଣା କରିଦେଇଛି। ମୋ ସ୍ତ୍ରୀ ସେହି ଦିନଠାରୁ ଆଶା ଛାଡିଦେଲା, କିନ୍ତୁ ଭାବିଲା ଏବେ ତ ଛଅଲକ୍ଷ ଗଲାଣି, ଆଉ ଚାରି ଛଅ ଲକ୍ଷ ଟଙ୍କା ଧାରଉଧାର କରି ଲଗେଇବ, ଏବେ ତ ସବୁ ସରିଲାଣି। କିନ୍ତୁ ମୁଁ ଚାଲିଗଲେ ସେମାନେ ଛତରରେ ପଶିଯିବେ। ତିନିପ୍ରାଣୀର ଜୀବନମରଣ ସମସ୍ୟା। ଡାକ୍ତରଖାନାକୁ କହିଲା ଆଉ ଲକ୍ଷ ଦିଲକ୍ଷ ଖର୍ଚ୍ଚ କରିହେବ। ସେଦିନ ଡାକ୍ତର ଆସି ନର୍ସକୁ କହିଦେଲେ ଏଇଟାର କାମ ବଢା। ଆଜି ରାତିରେ ଅକ୍ସିଜେନ୍ ମାସ୍କ ଖୋଲିଦିଅ ନହେଲେ ଏବେ ନନ୍‌କୋଭିଡ୍ ଅର୍ଥାତ୍ ଜେନେରାଲ୍ ୱାର୍ଡକୁ ନେଇ ଆଇସିୟୁରେ ରଖ। ବେଶୀ ନୁହେଁ ଦିନେ କି ଦୁଇଦିନରେ ତା ବଢିଦେଇ ବିଲ୍ ଫାଇନାଲ୍ କରିଦେବ। ସେତେବେଳକୁ ମୋର ଦେହାନ୍ତ ହୋଇ ସାରିଥାଏ। ମୋ ସ୍ତ୍ରୀ ଠାରୁ ଲକ୍ଷଦିଲକ୍ଷ କଥା ଶୁଣି ସେତକ ହାତେଇବା ଲକ୍ଷରେ ମୋ ମୃତ ଶରୀରକୁ ସେମାନେ ଦୁଇଦିନ ଧରି ସାଧାରଣ ୱାର୍ଡର ଆଇସିୟୁରେ ରଖି ମିଛବିଲ୍ କଲେ। ଶେଷବିଲ୍‌ରୁ ମୋ ଶଳା ଓ ସ୍ତ୍ରୀ କାକୁତିମିନତି ହେବାରୁ ଚାଳିଶ ହଜାରେ ଟଙ୍କା କାଟି ଦୟା କଲେ ବୋଲି ଢେଙ୍ଗୁରା ପିଟିଲେ ସିନା, କିନ୍ତୁ ମୋ ପରିବାରକୁ ଭସେଇ ଦେଲେ।ମୋ ଶବ ଦେଲାବେଳକୁ ଏଇ ଡାକ୍ତରି ଲାଇନିର ଆମର ପରିଚିତ ବନ୍ଧୁ ଜଣେ କହିଲା ଏଇଟା ସଜ ମରଣ ନୁହେଁ। ଗୋଡହାତ ଧଳା ହୋଇ ସେତା କାହିଁକି ଦେଖାଯାଉଛି। କେହି ତା କଥାକୁ କାନ ଡେରିଲେନି। ସ୍ତ୍ରୀ ଘଡି ଘଡି ବେହୋସ ହୋଇ ଯାଉଥାଏ। ଛୁଆଦୁଇଟାକୁ ଅନ୍ଧାର ଦେଖା ଯାଉଥାଏ। ଶଳା ମୁନା ସେମାନଙ୍କୁ ସାହସ ବଳ ଦେଇ ତୁନି କରାଉଥାଏ। ଯଦି ଘରେ ଅଲଗା ରହି ସେହି ଅକ୍ସିଜେନ୍ ନେଇଥାନ୍ତି ମରିନଥାନ୍ତି। ମୁଁ ସେମାନଙ୍କର ଅବହେଳା ଯୋଗୁଁ ହିଁ ମଲି, ମୋର ବିଗତ କୋଡିଏ ବର୍ଷର ସମସ୍ତ ଜମାପୁଂ ସରି ଏବେ ସ୍ତ୍ରୀର ଗହଣାଗାଣ୍ଠି ଯାଇ ହାତ ଉଧାରି ଚାରିଲକ୍ଷ ଟଙ୍କା। ଗାଁ ଜମିଜୁମା ସବୁ ବିକିଲେ ବି ଗାୟମୋଟ୍ ପଚାଶ ହଜାର ହେବନି। ପୁଅଝିଅଙ୍କ ବସ୍ତାନିରେ ଡୋରି ଲାଗିବା ତ ଥୟ, ଧାରଉଧାର କଥା ଗାଧୋଇ ଯାଉ, ଏମାନେ ଏବେ ବଂଚିବେ କେମିତି? ଖାଇବେ କଣ, ପିନ୍ଧିବେ କୋଉଠୁଁ?ମୁଁ କରୋନାରେ ପିଡିତ ହୋଇ ଦାଖଲା ନେଲି ଏବଂ କରୋନାରେ ସେହି ଡାକ୍ତରଖାନାରେ ଅଠରଦିନ ପରେ ମଲି। ସେମାନେ ଉଣିସି ଦିନରେ ମୋତେ ନନ୍‌କୋଭିଡ୍ ୱାର୍ଡର ଆଇସିୟୁକୁ ସ୍ଥାନାନ୍ତରିତ କରି ସାଧାରଣ ମୃତ୍ୟୁ ବୋଲି ନଥିପତ୍ର ତିଆରି କଲେ, ଯାହାଫଳରେ ମୁଁ କରୋନା ମୃତ୍ୟୁରେ ସରକାରଙ୍କ ତରଫରୁ ମିଳୁଥିବା ଉଣା ଅଧିକେ କିଛି ସହାୟତା ପ୍ରୋତ୍ସାହନରୁ ମଧ୍ୟ ବଂଚିତ ହେଲି। ସେତକ ମିଳିଥିଲେ ଅବା ମୋ ପରିବାର ଟଙ୍କିକିଆ ଚାଉଳ ଆଦିରେ କିଛିଦିନ କାଟି ଦେଇଥାନ୍ତେ। ଏବେ ଆପଣ କୁହନ୍ତୁ ସେମାନେ କରିବେ କଣ? ମୋ ବୟସ ଏକାବନ ଥିଲା, ମୋ ସ୍ତ୍ରୀର ବୟସ ଛୟାଳିଶ ହେବ। ଘରେ ବଢିଲା ଝିଅ। ସହରରେ ଯା ତା ଘରେ ବାସନକୁସନ ମାଜି ଚଳିବାକୁ ଚେଷ୍ଟାକଲେ କଣ ସମାଜ ସେମାନଙ୍କ ଇଜ୍ଜତ ରଖିବ! ପୁଅର ତ ଏବେ ଚଗଲାମି ଯାଇନି, ଦୁନିଆ କଣ ସିଏ ଜାଣିନି। ଗାଁରେ ସାହା ଭରସା କେହି ବୋଲି କେହି ନାହିଁ, ଭଗାରି ଓଲଟା ତାନା ମାରିବେ। ମୋର ଏସବୁ କଥା ଯଦି କାହାର ଅବିଶ୍ୱାସ ହେଉଛି, ତେବେ ସମ୍ ଓ ଶ୍ରୀ ହସ୍ପିଟାଲ୍ ପହଁଚି ମଇମାସର ରେକର୍ଡରେ ସନ୍ତୋଷ ପ୍ରଧାନ, ବିଜେବି ନଗର, ଭୁବନେଶ୍ୱର (ସ୍ଥାୟି ବାସିନ୍ଦା - ନୟାଗଡ) ରୋଗୀର ରେକର୍ଡ ଦେଖନ୍ତୁ। ଛାଡ, କାହା ପାଖରେ ଅନ୍ୟପାଇଁ ଆଜି ଏତେ ବଳକା ସମୟ ଅଛି! ମୁଁ ତ ମଲିଗଲି, କାହିଁକି ଆଉ ସେ ଫାଲତୁ କଥାରେ ମୁଣ୍ଡ ପୁରେଇ ଆପଣ ଅଯଥା ଆପଣମାନଙ୍କ ମୂଲ୍ୟବାନ ସମୟ ନଷ୍ଟ କରିବେ? ଗଲା କଥା ଗଲାଣି, ଏବେ ତାଙ୍କ ଭାଗ୍ୟରେ ଯାହା ଥିବ ସେମାନେ ଭୋଗିବେ। ପୁଅର ତ ଯାହିତାହି ଚଳିଯିବ, ଏ ଝିଅର ଭବିଷ୍ୟତ କିଛି ବୁଝିପାରୁନି। ବହୁତ ଗେହ୍ଲାରେ ବଢିଥିଲା ଯେ ସବୁଏବେ ମିଳେଇ ଗଲା। ତାରି ପାଇଁ କେବଳ ମୋର ଚିନ୍ତା। ଭାବୁଥିଲି କହିବି କି ନାହିଁ, କାରଣ ମୁଁ ଯାହାସବୁ ଅଙ୍ଗେ ନିଭେଇଲି ସେ ନର୍ସ ଡାକ୍ତରଙ୍କୁ ମୁଁ ଦେବୀ ଦେବତା କହିବାକୁ କେମିତି ଇଚ୍ଛାକରିବି, ଆପଣ କୁହନ୍ତୁ? ଆପଣମାନେ ଯିଏ ମୋ କଥାରେ ଆଦୌ ରାଜି ନୁହଁନ୍ତି ଏବଂ କପୋଳକଳ୍ପିତ ଏକ ଗପ ବୋଲି ଭାବୁଛନ୍ତି, ମୁଁ ପ୍ରାର୍ଥନା କରିବି ଆପଣ କିଛିଦିନ କରୋନା ରୋଗରେ ପଡି ଦାଖଲା ନେଲେ ନିଜକୁ ନିଜେ ବୁଝିପାରିବେ। କରୋନାରେ ମୁଁ ଘରୋଇ ଡାକ୍ତରଖାନାରେ ରହି ଯେଉଁ କଷ୍ଟ ପାଇ ମରିଛି, ମୁଁ ପ୍ରାର୍ଥନା କରିବି ସାତଶତ୍ରୁଙ୍କୁ ବି ଏ ରୋଗ ନହେଉ। କିନ୍ତୁ ଆପଣ ଯେତେବେଳେ ଅବିଶ୍ୱାସ କରୁଛନ୍ତି, ମୋ ପାଖରେ ଆଉ ବିକଳ୍ପ ଉପାୟ କିଛି ନାହିଁ। ତେଣୁ ଭାବୁଛି ଆପଣ ନିଜେ ମଲେ ହିଁ ସ୍ୱର୍ଗ ଦେଖିବେ।

ଏଲ୍-୧୭/୧୫, ପଂଚଶଖା ନଗର,
ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-
୭୫୧୦୧୯,
ମୋ- ୯୪୩୯୧୨୮୦୫୦ /
୭୯୭୮୦୧୯୦୮୧,
bdpanda1@gmail




# କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

# ଚଳିତ ବର୍ଷ ଅନ୍‌ଲାଇନ୍‌ରେ ହେବ ଏସ୍.ଓ.ଏଫ୍ ଅଲମ୍ପିଆଡ୍ ପରିକ୍ଷା

ରାଉରକେଲା : ଆନ୍ତର୍ଜାତିୟସ୍ତରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଅଲମ୍ପିଆଡ୍ ପରିକ୍ଷା କରାଉଥିବା 'ସାଇନ୍ସ ଅଲମ୍ପିଆଡ୍ ଫାଉଁଡେସନ୍' ପକ୍ଷରୁ ଚଳିତ ଏକାଡେମିକ୍ ଇୟର ପାଇଁ ଅନ୍‌ଲାଇନ୍ ପରିକ୍ଷାର ଘୋଷଣା କରାଯାଇଛି, ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇ ଫାଉଣ୍ଡେସନ୍ ପକ୍ଷରୁ ଏହିପରି ପଦକ୍ଷପ ନିଆଯାଇଛି ଯାହାଦ୍ୱାରା ସମସ୍ତ ଛାତ୍ରଛାତ୍ରୀ ନିଜ ଘରେ ବସି ପରିକ୍ଷା ଦେଇପାରିବେ । ବିଦ୍ୟାର୍ଥିମାନଙ୍କ ଜ୍ଞାନକୌଷଳକୁ ଆନ୍ତର୍ଜାତିୟ, ଜାତିୟ ତଥା ରାଜ୍ୟସ୍ତରରେ ସମ୍ମାନୀତ କରିବା ପାଇଁ ଏସ୍.ଓ.ଏଫ୍ ସବୁବେଳେ ଚେଷ୍ଟାକରିଆସିଛି । ପ୍ରତିବର୍ଷ ପାଖାପାଖି ୧୦ ଲକ୍ଷରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଏହି ପରିକ୍ଷାରେ ଭାଗନେଇଥାନ୍ତି । ଗତବର୍ଷ କଟକରୁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଖାପାଖି ୧୯,୦୦୦ ଛାତ୍ରଛାତ୍ରୀ ଏଥିରେ ଅଶଂଗ୍ରହଣ କରିଥିଲେ । ଚଳିତ ବର୍ଷ ଏସ୍.ଓ.ଏଫ୍ ପକ୍ଷରୁ ମାତ୍ର ୪ଟି ଅଲମ୍ପିଆଡ୍ ପରିକ୍ଷାର ଆୟୋଜନ କରାଯାଇଛି, ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ସାଧାରଣଜ୍ଞାନ ଅଲମ୍ପିଆଡ୍, ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ଇଂରାଜୀ ଅଲମ୍ପିଆଡ୍, ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ଜାତୀୟ ବିଜ୍ଞାନ ଅଲମ୍ପିଆଡ୍ ଏବଂ ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ଗଣିତ ଅଲମ୍ପିଆଡ୍ । ଏହି ପରିପେକ୍ଷିରେ ସାଇନ୍ସ ଅଲମ୍ପିଆଡ୍ ଫାଉଁଡେସନ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଶ୍ରୀଯୁକ୍ତ ମହାବିର୍ ସିଂ କହିଛନ୍ତି, "ଗତବର୍ଷ ଏହି ପରିକ୍ଷା ଅଫ୍‌ଲାଇନ୍ ହୋଇଥିଲା ଏବଂ ଏହି ପ୍ରତିଯୋଗିତାରେ ୩୨ଟି ଦେଶରୁ ପାଖାପାଖି ୫୬,୦୦୦ ବିଦ୍ୟାଳୟର ଲକ୍ଷାଧିକ ଛାତ୍ରଛାତ୍ରୀ ଭାଗନେଇଥଲେ କିନ୍ତୁ ଚଳିତ ବର୍ଷ ଆମେ ସମସ୍ତ ପରିକ୍ଷା ଅନ୍‌ଲାଇନ୍‌କରିବାର ଯୋଜନା କରିଛୁ । ପରିକ୍ଷାକୁ ସଠିକ୍ ଭାବରେ ପରିଚାଳିତ କରିବା ପାଇଁ ଆର୍ଟିଫିସିଆଲ୍ ଇ□ଲିଜେନ୍ସ, ରିମୋଟ୍ ପ୍ରୋକ୍ଟରିଂ, ଭିଡିଓ ରେକଡିଂ ତଥା ଅନ୍ୟାନ ସୁବିଧା କରାଯାଇଛି ।"

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ୍ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଶଂ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ

ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଠିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗ୍‌ମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ଫ୍ଲେୟାର ଗାରନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଋଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଓକ୍ତଙ୍କକ୍ଷ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ,

ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ। ଇଣ୍ଡିଆନ ଟେରେନ୍ ଭଳି ଏକ ବଡ଼ ବ୍ରାଣ୍ଡ ପକ୍ଷରୁ ଶ୍ରେଷ୍ଠ ନିରନ୍ତରତାର ପ୍ରତିବଦ୍ଧତା ଋଷୀ ଗୋଷ୍ଠୀରେ ଭବିଷ୍ୟତ ବିକାଶ ପ୍ରକଳ୍ପ ଲାଗି ପଥ ପ୍ରଦର୍ଶକ ହେବ ଏବଂ ଏକ ଆଶାର କୀରଣ ଜାଗ୍ରତ କରିବ ଯେ ପରିବେଶ ଓ ସାମାଜିକ ଦାୟିତ୍ୱବାନ ଫେସନ୍ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରି ଏହି ମହାମାରୀରୁ ବାହରିବା ଲାଗି ଫେସନ୍ ଶିଳ୍ପ ନିଷ୍ପତି ନେଇପାରିବ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଓକ୍ଷପ୍ସ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ)

ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଓକ୍ଷପ୍ସ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ୱାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ

ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଓକ୍ଷପ୍ସ;ରନେଟ ଅଫ୍ ଥିଙ୍ଗସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।




# କୋଭିଡ ଦ୍ୱିତୀୟ ଲହରର ପ୍ରଥମ ସଟଡାଉନରେ କେନ୍ଦ୍ରାପଡା ସହର ଜନଶୂନ୍ୟ

କେନ୍ଦ୍ରାପଡ଼ା (ପିଏନ୍): କୋଭିଡ - ୧୯ର ଦ୍ୱିତୀୟ ଲହରର ପ୍ରଥମ ସଟଡାଉନ ଘୋଷଣା ପରେ ଶନିବାର କେନ୍ଦ୍ରାପଡା ସହର ଜନଶୁନ୍ୟ ହୋଇପଡିଥିବା ଦେଖିବାକୁ



ମିଳିଛି । କରୋନା ସଂକ୍ରମଣର ଦ୍ୱିତୀୟ ଲହରକୁ ନେଇ ରାଜ୍ୟ ସରକାରଙ୍କ ଘୋଷଣା ଓ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶନାମା ଜାରି ପରେ ଜନସାଧାରଣ ସଚେତନ ହୋଇପଡିଥିବା ଯୋଗୁଁ ନିହାତି ଜରୁରୀ ଆବଶ୍ୟକତା ନଥିଲେ ଘରୁ ପଦାକୁ ବାହାରିବାକୁ ଉଚିତ ମଣିନଥିବା ଦେଖାଯାଇଛି । କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଇଛାପୁର, କେଶପୁର ବଜାର, ସାନ୍ତସାହି, ମଢିଆଳ, ପୁରୁଣାବସଷ୍ଟାଣ୍ଡ, ବଡହାଟ, କାକଟ, ଗଣାମାହାଲ, ନୂଆବସଷ୍ଟାଣ୍ଡ, ବଣିଆମାଳ, ମହିପାଳ, କଜଳା, ତିନିମୁହାଣିଛକ ପ୍ରଭୃତି ସ୍ଥାନରେ ରାସ୍ତା ଗୁଡିକ ଶୁନଶାନ ଥିବା ଦେଖିବାକୁ ମିଳିଛି । ଏସବୁ ସ୍ଥାନ ଗୁଡିକରେ ବିଶେଷ ଭାବରେ ପୋଲିସ ବ୍ୟବସ୍ଥା ନଥାଇ ମଧ୍ୟ ଲୋକମାନେ ରାସ୍ତା ଉପରକୁ ଆସିନଥିବା ଦେଖାଯାଇଥିଲା । କୋଭିଡ ସଂକ୍ରମଣର ଭୟାବହତା ସମ୍ପର୍କରେ ସାଧାରଣ ଲୋକ ପ୍ରାୟ ସଚେତନ ଥିଲା ପରି ଜଣାପଡୁଥିଲା । ଫଳରେ ପୋଲିସ ରାସ୍ତାରେ ନଥିଲେ ମଧ୍ୟ ଲୋକମାନେ ଘରୁ ବାହାରୁ ନଥିବା ଦେଖିବାକୁ ମିଳିଥିଲା । ଲୋକମାନେ ଏଭଳି ଭାବରେ ନିଜେ ସଚେତନ ହୋଇ କୋଭିଡ ନିୟମକୁ ଅନୁପାଳନ ପୂର୍ବକ ସାମାଜିକ ଦୂରତା ରକ୍ଷା, ହାତ ସାନିଟାଇଜ କରିବା ଓ ମାସ୍କ ପରିଧାନ ଦ୍ୱାରା ସହଜରେ କରୋନା ଭଳି ମହାମାରୀର ସଂକ୍ରମଣକୁ ହ୍ରାସ କରାଯାଇପାରିବ ବୋଲି ଉପଜିଲ୍ଲାପାଳ ନିରଞ୍ଜନ ବେହେରା କହିଛନ୍ତି । ଟାଉନ ଥାନାର ଭାରପ୍ରାପ୍ତ ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ ଓ ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ ସହରର ବିଭିନ୍ନ ସ୍ଥାନରେ ପଇଁତରା ମାରିବା ସହ ଅମାନିଆଙ୍କୁ କରୋନା ସଂକ୍ରଣ ସମ୍ପର୍କରେ ସଚେତନ



କରୁଥିବା ଦେଖିବାକୁ ମିଳିଥିଲା । କୋଭିଡ - ୧୯ର ଦ୍ୱିତୀୟ ଲହରର ସଟଡାଉନ ଘୋଷଣା ପରେ ରବିବାର କେନ୍ଦ୍ରାପଡା ସହର ପ୍ରଥମ ଦିନ ଭଳି ଜନଶୁନ୍ୟ ହୋଇପଡିଥିବା ଦେଖିବାକୁ ମିଳିଛି । କରୋନା ସଂକ୍ରମଣର ଦ୍ୱିତୀୟ ଲହର ସଟଡାଉନର ଦ୍ୱିତୀୟ ଦିନରେ ଜନସାଧାରଣ ସଚେତନ ହୋଇପଡିଥିବା ଯୋଗୁଁ ନିହାତି ଜରୁରୀ ଆବଶ୍ୟକତା ନଥିଲେ ଘରୁ ପଦାକୁ ବାହାରୁ ନଥିବା ଦେଖାଯାଇଛି । କେତେକ ସ୍ଥାନରେ କିଛି ଆମାନିଆ ରାସ୍ତା ଉପରକୁ ଆସିଥିବା ବେଳେ ପୋଲିସର କଡା ପ୍ରହରା ସେମାନଙ୍କୁ ଫେରି ଯିବାକୁ ବାଧ କରିଥିଲା । କେନ୍ଦ୍ରାପଡା ପୌରାଞ୍ଚଳର ଇଛାପୁର, କେଶପୁର ବଜାର, ସାନ୍ତସାହି, ମଢିଆଳ, ପୁରୁଣାବସଷ୍ଟାଣ୍ଡ, ବଡହାଟ, କାକଟ, ଗଣାମାହାଲ, ନୂଆବସଷ୍ଟାଣ୍ଡ, ବଣିଆମାଳ, ମହିପାଳ, କଜଳା, ତିନିମୁହାଣିଛକ ପ୍ରଭୃତି ସ୍ଥାନରେ ରାସ୍ତା ଗୁଡିକ ଶୁନଶାନ ରହିଥିବା ଦେଖିବାକୁ ମିଳିଛି । କାଁ ଭାଁ କିଛି ଅମାନିଆମାନେ ରାସ୍ତା ଉପରକୁ ଆସିଯାଇଥିବା ବେଳେ ପୋଲିସ ସେମାନଙ୍କୁ ଘଉଡାଇ ଦେଇଥିବାର ଦେଖିବାକୁ ମିଳିଛି । କେତେକ ସରକାରୀ କର୍ମଚାରୀ ଏବଂ ଅନ୍ୟ କିଛି ଜରୁରୀ କାର୍ଯ୍ୟରେ ଯାଉଥିବା ବେଳେ ପୋଲିସକୁ ପରିଚୟ ପତ୍ର ଓ ପ୍ରମାଣ ଦେଖାଇ ଯାଉଥିବାର ଦେଖିବାକୁ ମିଳିଥିଲା। କେନ୍ଦ୍ରାପଡା ଏସଡିପିଓ ରାଜୀବ ଲୋଚନ ପଣ୍ଡା, ଟାଉନ ଥାନାର ଭାରପ୍ରାପ୍ତ ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ ଓ ସବଇନସପେକ୍ଟର ସୌମ୍ୟରଞ୍ଜନ ଜାଲ, ପୁରୁଣା ବସଷ୍ଟାଣ୍ଡ ଫାଣ୍ଡିର ହାବିଲଦାର ନରେନ୍ଦ୍ର ନାଥ ସୋରେନ ପ୍ରମୁଖ ସହରର ବିଭିନ୍ନ ସ୍ଥାନରେ ପଇଁତରା ମାରିବା ସହ ଲୋକମାନଙ୍କୁ କରୋନା ସଂକ୍ରଣ ସମ୍ପର୍କରେ ସଚେତନ କରାଇବା ସହ ଅମାନିଆଙ୍କୁ ଘଉଡାଇଦେଇଥିବାର ଦେଖିବାକୁ ମିଳିଥିଲା ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ଆମ୍ବେଦକର ଜୟନ୍ତୀ ପାଳିତ



କଟକ (ପିଏନ୍): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, କଟକ ନଗର ଶାଖା ତରଫରୁ ମହାନ ଜନନାୟକ ସାମାଜିକ ସମରସତାର ପ୍ରବକ୍ତା ଭାରତ ରତ୍ନ ଡ.ଭୀମରାଓ ରାମୋଜୀ ରାଓ ଆମ୍ବେଦକରଙ୍କ ୧୪୧ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ କଟକ ଉଚ୍ଚନ୍ୟାୟାଳୟ ସନ୍ନିକଟ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଏକ ସଭାର ଆୟୋଜନ ହୋଇଥିଲା । କଟକ ଜିଲ୍ଲା ସଂଘଚାଳକ ବିପିନ ବିହାରୀ ରାଉତ, ଧର୍ମ ଜାଗରଣ ସମନ୍ୱୟର କ୍ଷେତ୍ର ସଂଯୋଜକ ବିନୟ କୁମାର ଭୂୟାଁ, ପ୍ରାନ୍ତ ସଂପର୍କ ପ୍ରମୁଖ ଆଡଭୋକେଟ ସର୍ବେଶ୍ୱର ବେହେରା ତଥା ସଂଘର ପ୍ରାନ୍ତ ସଦ୍‌ଭାବନା ପ୍ରମୁଖ କୁମର ସାହୁ ମାଲ୍ୟାର୍ପଣ କରିଥିଲେ । କଟକ ନଗର କାର୍ଯ୍ୟବାହ କୁଳମଣି ପ୍ରଧାନ ଡ. ଆମ୍ବେଦକରଙ୍କ ସ୍ମୃତି ଚାରଣ କରିଥିଲେ । ଏହି ସଭାରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର କ୍ଷେତ୍ର ସଂଗଠନ ସଂପାଦକ ନାରାୟଣ ନାୟକ, ବିଭାଗ ପ୍ରଚାରକ ଲକ୍ଷ୍ମୀଧର ପରିଡା, ହିନ୍ଦୁ ଜାଗରଣ ସାମ୍ମୁଖ୍ୟର ପ୍ରାନ୍ତ ସଂଯୋଜକ ତନ୍ମୟ କୁମାର ଦାଶ, ତପନ କୁମାର ଦାଶ, ଚିତ ରଂଜନ ମହାନ୍ତି ଓ ବିଘ୍ନେଶ୍ୱର ସାଇଁଙ୍କ ସମେତ କଟକର ସ୍ୱୟଂସେବକମାନେ ଅଂଶଗ୍ରହଣ କରିଥିଲେ ।

# ବାରୋ ପଞ୍ଚାୟତର ମନରେଗା ମହାଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋ ପଂଚାୟତର ମନରେଗା ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଆଖିବୁଜା ଦୁର୍ନୀତି ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆରମ୍ଭ ହୋଇଥିବା ଗଣଧାରଣାକୁ ସି.ପି.ଆଇ. ଓ ସି.ପି.ଆଇ.(ଏମ) ସମର୍ଥନ କରି ଦଳର କର୍ମକର୍ତ୍ତାମାନେ ଧାରଣାସ୍ଥଳରେ ବସିଥିବା ଦେଖାଯାଇଥିଲା । କେନ୍ଦ୍ରାପଡା ବ୍ଲକ କାର୍ଯ୍ୟାଳୟରୁ ସୂଚନା ଅଧିକାର ଆଇନରେ ପ୍ରାପ୍ତ ତଥ୍ୟ ଅନୁଯାଇ ବ୍ଲକର ବିଡିଓଙ୍କ ନିର୍ଦ୍ଦେଶରେ ଏବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ, ଜିପିଇଓ ଏବଂ ଏପିଓ ମିଳିତ ଭାବେ ପ୍ରଦାନ କରିଥିବା ତଦନ୍ତ ରିପୋର୍ଟରେ ଉଲ୍ଲେଖ ରହିଛି ଯେ ବାରୋ ନବଦୋୟ ବିଦ୍ୟାଳୟ ପରିସରରେ ହୋଇଥିବା ମନରେଗା ପ୍ରକଳ୍ପ କର୍ଯ୍ୟରେ ବହୁ ବେଆଇନ କାର୍ଯ୍ୟ କରାଯାଇଥିବା ଉଲ୍ଲେଖ ରହିଛି । କିନ୍ତୁ ଅଦ୍ୟାବଧି ସେହି ରିପୋର୍ଟ ଉପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଏହାବ୍ୟତିତ ସେହି ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ମଧ୍ୟ ଦୁର୍ନୀତି କରାଯାଇଥିବା ଅଭିଯୋଗ ହୋଇଆସୁଛି । ବାରୋ ପଞ୍ଚାୟତରେ ହୋଇଥିବା ସମସ୍ତ ଦୁର୍ନୀତିର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସିପିଆଇ ଜିଲ୍ଲା ସାଧାରଣ ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ସିପିଆଇ(ଏମ) ଜିଲ୍ଲା ସାଧାରଣ ସମ୍ପାଦକ ଗୟାଧର ଧଳ, ବାବାଜୀ ଧଳ, ଆଦିକନ୍ଦ ରାଉଳ ପ୍ରମୁଖ କହିଛନ୍ତି ।

# ଭାରତୀୟ ସଂସ୍କୃତି ପ୍ରଚାର ସମିତି ପକ୍ଷରୁ ହିନ୍ଦୁ ନବବର୍ଷ ପାଳିତ

କଟକ (ପିଏନ୍): ଭାରତୀୟ ସଂସ୍କୃତି ପ୍ରଚାର ସମିତି ତରଫରୁ ହିନ୍ଦୁ ନବବର୍ଷ ଉପଲକ୍ଷେ ଚଣ୍ଡିମନ୍ଦିର ମାର୍ଗସ୍ଥିତ ସଂସ୍କୃତି ଭବନଠାରେ ଏକ ଉତ୍ସବର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପଣ୍ଡିତ ନୃସିଂହ ଚରଣ ପଣ୍ଡା କହିଲେ ଯେ, ଆମ ପରମ୍ପରା ଅନୁସାରେ ଚୈତ୍ର ଶୁକ୍ଳ ପ୍ରତିପଦା ସୃଷ୍ଟିର ପ୍ରଥମ ଦିବସ ହୋଇଥିବାରୁ ଆମେ ଏହାକୁ ନବବର୍ଷର ମାନ୍ୟତା ଦେଇଥାଉ । ଆମ ପାଇଁ ଏହି ଦିନର ପ୍ରାକୃତିକ, ଐତିହାସିକ, ଆଧାତ୍ମିକ ଓ ସାଂସ୍କୃତିକ ମହତ୍ୱ ରହିଛି । ଆମ କାଳଗଣନାକୁ ସମ୍ମାନ ଜଣାଇ ଜାନୁଆରି ପହିଲା ବଦଳରେ ଚୈତ୍ର ଶୁକ୍ଳ ପ୍ରତିପଦାକୁ ନବବର୍ଷ ରୂପେ ପାଳନ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । ସମିତିର ସଭାପତି ଡକ୍ଟର ନାରାୟଣ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ସହପ୍ରାନ୍ତ ପ୍ରଚାରକ ସୃଷ୍ଟିଧର ବିଶ୍ୱାଳ, ବିଭାଗ ପ୍ରଚାରକ ଲକ୍ଷ୍ମୀଧର ପରିଡ଼ା, 'ରାଷ୍ଟ୍ରଦୀପ'ର ସମ୍ପାଦକ ଚିତରଞ୍ଜନ ମହାପାତ୍ର ଆଡ଼ଭୋକେଟ ରାଧେଶ୍ୟାମ ଚିମନକା, ଅଧ୍ୟାପିକା କୃଷ୍ଣପ୍ରିୟା ବେହେରା, ସତ୍ୟନାରାୟଣ ମିଶ୍ର କମଳ ଦତ ପ୍ରମୁଖ ଯୋଗଦେଇ ହିନ୍ଦୁ ନବବର୍ଷର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ ।

# ଜୟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ

ତିହିଡ଼ି (ପିଏନ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ କୁବେରା ପଂଚାୟତ ଅଧୀନ ଜୟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି । ଏହି ଅବସରରେ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗଣେଶ ପ୍ରସାଦ ରାଉତଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଗୁରୁମା' ପୂର୍ଣ୍ଣିମା ଖଟୁଆ, ରଶ୍ମିତା ନାୟକ, ପ୍ରତିଭାରାଣୀ ସାହୁ ପ୍ରମୁଖ ଯୋଗଦେଇ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷର ତାତ୍ପର୍ଯ୍ୟ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଓ ଗୁରୁମା'ମାନେ ସଭା ପରିଚାଳନାରେ ସହଯୋଗ କରିଥିଲେ ।

# ଭୂମିପୂଜନ, ହୋମଯଜ୍ଞ, କୃଷକମାନଙ୍କ ଦ୍ୱାରା ମାଟି ସଂଗ୍ରହ, ଗୋମାତାପୂଜନ କାର୍ଯ୍ୟ ଦ୍ୱାରା ରାଷ୍ଟ୍ରୀୟ ନବବର୍ଷ ଉତ୍ସବ ପାଳନ

ବୋଲଗଡ଼ (ପିଏନ୍): ବ୍ଲକ ଶିକ୍ଷା ଅଧୀନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃ ସମୟରେ ଭୂମିପୂଜନ, ହୋମଯଜ୍ଞ, କୃଷକମାନଙ୍କ ଦ୍ୱାରା ମାଟି ସଂଗ୍ରହ, ଗୋମାତା ପୂଜନ କାର୍ଯ୍ୟ ସମାପନ କରଯାଇଥିବା ବେଳେ ପୂର୍ବାହ୍ନରେ ବୃକ୍ଷରୋପଣ ଓ ଜୈବିକ ସାର ପ୍ରୟୋଗ ଉପାଦେୟତା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଉକ୍ତକାର୍ଯ୍ୟକ୍ରମରେ ୬ ଗୋଟି ପଂଚାୟତର ବହୁ କୃଷକ ଓ ଗୋପାଳକ ଯୋଗଦେଇଥିଲେ । ଏଥିରେ ପଂଚବଟୀ ଗୋ-ଅନୁସନ୍ଧାନ କୋସ୍କାର ମୁଖ୍ୟ କମାଲ ଦାସ ଶର୍ମା ଯୋଗଦେଇ ଗୋପାଳନ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ବିରଂଚି କୁମାର ସାହୁ ପରିଚାଳନା କରିଥିଲେ । ଏଥିରେ ଅନୁଷ୍ଠାନର ସମସ୍ତ ଗୁରୁଜୀ ଗୁରୁମା' ସହଯୋଗ କରିଥିଲେ ।

# କଳମଛୁଇଁ ଶିଶୁମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ

ତାଳଚେର (ପିଏନ୍): ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ କୋଭିଡ୍ କଟକଣା ମଧ୍ୟରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶିକ୍ଷାବିତ୍ ଦିବାକର ବାରିକ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ଅନୁଗୋଳ ବିଭାଗ ନିରୀକ୍ଷକ ବିଜନ କୁମାର ଜେନା,ସମ୍ମାନୀତ ଅତିଥି ଭାବରେ ବିଦ୍ୟାଳୟର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଓ କୋଷାଧ୍ୟକ୍ଷ ଗିରୀଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଗୈରିକ ଧ୍ୱଜା ଉତୋଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ବରିଷ୍ଠ ଆଚାର୍ଯ୍ୟ କୁମୁଦ ଚନ୍ଦ୍ର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଧାନାଚାର୍ଯ୍ୟ ଶ୍ରୀ ଦେହୁରୀ ରାଷ୍ଟ୍ରୀୟ ନବବର୍ଷ ପାଳନ କରିବାର ମହତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ଜେନା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠାତା ଡ.କେଶବ ବଳିରାମ ହେଡେଗେୱାରଙ୍କ ଜୀବନଦର୍ଶନ ଉପରେ ଆଲୋକପାତ କରିବା ସହ ଆଧୁନିକ ଭାରତ ଗଠନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଆଚାର୍ଯ୍ୟା ପ୍ରିୟଙ୍କା ବେହେରା ଓ ଗୀତାଞ୍ଜଳୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପର୍ଯ୍ୟାୟପ୍ରମୁଖ ତ୍ରିଲୋଚନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଆଚାର୍ଯ୍ୟ ମଳୟ କୁମାର ଦାସ,ବିକାଶ ଚନ୍ଦ୍ର ପ୍ରଧାନ,ଅଜୟ କୁମାର ସାହୁ,ସରସ୍ୱତୀ ସାହୁ,ବୀଣାପାଣି ବାରିକ,ସୁଶ୍ରୀ ତ୍ରୀପାଠୀ,ରଞ୍ଜୁବାଳା ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁଜୀ,ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ସୂଚନାଯୋଗ୍ୟ, ପ୍ରତ୍ୟେକ ବର୍ଷ ଚୈତ୍ର ମାସ ଶୁକ୍ଳ ପକ୍ଷ ପ୍ରତିପଦା ତିଥିରେ ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯାଉଥିବା ବେଳେ ପୌରାଣିକ ମତାନୁସାରେ ଆଜିର ଦିନରେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ଦ୍ୱାରା ସୃଷ୍ଟିର ସର୍ଜନା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହାସହିତ ମର୍ଯ୍ୟଦା ପୁରୁଷୋତମ ଶ୍ରୀରାମ ତଥା ଧର୍ମରାଜ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ ଆଜିର ଦିନରେ ହୋଇଥିବାରୁ ଏହି ଦିବସଟି ହିନ୍ଦୁମାନଙ୍କ ପାଇଁ ବିଶେଷ ମହତ୍ୱ ରଖିଥାଏ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ୧୦୮ ଦୀପ ପ୍ରଜ୍ୱଳନ କରି ନୂତନ ବର୍ଷକୁ ସ୍ୱାଗତ

ଅନୁଗୋଳ (ପିଏନ୍): ସନାତନ ସଂସ୍କୃତିର ମାନ୍ୟତାଅନୁସାରେ ଚୈତ୍ରଶୁକ୍ଳ ପ୍ରତିପଦା ଦିନ ସୃଷ୍ଟିର ରଚୟିତା ପରମପିତା ପରମେଶ୍ୱର ଭଗବାନ ବ୍ରହ୍ମାଙ୍କ ଦ୍ୱାରା ସୃଷ୍ଟି ରଚନା କରାଯାଇଥିଲା । ଏଣୁ, ଏହିଦିନକୁ ସୃଷ୍ଟିର ଆରମ୍ଭ ଦିବସ କୁହାଯାଏ । ଏହି ତିଥିରେ ଭଗବାନ ଶ୍ରୀରାମଚନ୍ଦ୍ର ଓ ଧର୍ମରାଜ ଯୁଧଷ୍ଠିର ଓ ରାଜା ବିକ୍ରମାଦିତ୍ୟଙ୍କ ମଧ୍ୟ ରାଜ୍ୟାଭିଷେକ ହୋଇଥିବା ନେଇ ପୌରାଣିକ ମତ ରହିଥିବା କୁହାଯାଇଛି । ଏ କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ ନବବର୍ଷ ପାଳନ କମିଟି ତରଫରୁ ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ମନ୍ଦିର ବାଇଶି ପାହାଚରେ ପ୍ରାତଃ ୫.୩୦ ସମୟରେ ସୂର୍ଯ୍ୟ ପୂଜା ସହିତ ୧୦୮ ଦିପ ପ୍ରଜ୍ଜଳନ କରି ନୂତନ ବର୍ଷକୁ ସ୍ୱାଗତ କରାଯାଇଥିଲା । ପରେ ପରେ କରୋନା ମହାମାରୀ କବଳରୁ ସାରା ବିଶ୍ୱକୁ ମୁକ୍ତି ଓ କଲ୍ୟାଣ ଉଦ୍ଦେଶ୍ୟରେ ଅଚ୍ୟୁତ-ଅନନ୍ତ-ଗୋବିନ୍ଦ ସମ୍ପୂର୍ଣ୍ଣ ଦ୍ୱାରା ବିଷ୍ଣୁ ସହସ୍ର ନାମ ପାଠ କରାଯାଇଥିଲା । ପରିଶେଷରେ ବେଦଭବନ ଠାରେ ଏକ ଧର୍ମ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ଜୀ ମହାରାଜ ଯୋଗଦେଇ ଆଜିର ଦିବସରେ ସୂର୍ଯ୍ୟ ପୃଥିବୀ ବକ୍ଷକୁ ଆଲୋକିତ କରିଥିଲେ ବୋଲି କହିଥିବା ବେଳେ ବିଭେଦତା ଭିତରେ ଅଭେଦତାର ଉତ୍‌ଥାନ ହିଁ ସଂସ୍କୃତି ବୋଲି ମତ ପ୍ରକାଶ କରିଥିଲେ । ଆହୁରି ମଧ୍ୟ ଶାସ୍ତ୍ରାନୁମୋଦିତ ଧର୍ମ ହିଁ ଶ୍ରେଷ୍ଠ ଧର୍ମ ଯାହା ସନାତନ ହିନ୍ଦୁ ଧର୍ମ ବୋଲି ମୁଖ୍ୟ ଅତିଥି ଦୃଢ଼ୋକ୍ତି ବାଢ଼ିଥିଲେ । ମୁଖ୍ୟ ବକ୍ତା ଭାବେ ଆଦିତ୍ୟ ବାହୀନୀ ମହାସଚିବ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ଯୋଗ ଦେଇଥିବା ବେଳେ ସ୍ୱାମୀ କୃଷ୍ଣାଦାସନନ୍ଦ ସରସ୍ୱତୀ, ସ୍ୱାମୀ ରାମାଶରଣାନନ୍ଦ ସ୍ୱରସ୍ୱତୀଜୀ, ବାବା ପ୍ରଭୂପାଦ ଦାସ ଜୀ, ସ୍ୱାମୀ ସ୍ୱରୁପାନନ୍ଦ ସ୍ୱରସ୍ୱତୀ ଜୀ ପ୍ରମୁଖ ସନାତନ ବୈଦିକ ପରମ୍ପରା ଉପରେ ମାର୍ଗ ଦର୍ଶନ କରିଥିଲେ । ପଣ୍ଡିତ ରୋହିତ କୁମାର ଦାସ ମଂଚ ସଂଯୋଜନା କରିଥବା ବେଳେ ଆଦିତ୍ୟ ବାହୀନୀ ଅନୁଗୋଳ ଶାଖା ସଭାପତି ବାସୁଦେବ ହୋତା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଅନିମା ଆଚାର୍ଯ୍ୟ ଗୁରୁବନ୍ଦନା ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଦିତ୍ୟ ବାହୀନି ସମ୍ପାଦକ ପର୍ଶୁରାମ ଦାସ, ସୁଧୀର କୁମାର ମିଶ୍ର, କିଶୋର ସାହୁ, ମାନସ ରଞ୍ଜନ ମିଶ୍ର, ସୌରୀ ରଞ୍ଜନ ପଣ୍ଡା, ସୁରେଶ ସାହା, ପଦ୍ମଚରଣ ପ୍ରଧାନ, ସାଗର ସୌଭାଗ୍ୟ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

# ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ



ଭୁବନେଶ୍ୱର (ପିଏନ୍): ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ, ଜନନାୟକ ଓ ରାଷ୍ଟ୍ରନାୟକ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୨୪ତମ ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା । ସଭାପତିତ୍ୱ କରିଥିବା ବେଳେ ଉପଦେଷ୍ଟା ନିମାଇଁ ଚରଣ ଦାସ ଓ ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ପ୍ରବାଦପୁରୁଷଙ୍କର ଗୁଣଗାନ କରିଥିଲେ । ମାଲ୍ୟାର୍ପଣ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ-ସଂପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ବାସନ୍ତୀ ତ୍ରିପାଠୀ, ଅକ୍ଷୟ କୁମାର ଜେଠୀ, ଗୋପିମୋହନ ପଟ୍ଟନାୟକ ଓ ସମରଂଜନ ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ ।

# ନିରାଡମ୍ବର ଭାବେ ବିଜୁବାବୁଙ୍କ ୨୪ତମ ଶ୍ରାଦ୍ଧ ଦିବସ ପାଳିତ

ଯୋଡା (ପି ଏନ): ଚମ୍ପୁଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କମାରଯୋଡା ସ୍ଥିତ ଯୋଡା ନଗର ବିଜୁ ଜନତା ଦଳ କାର୍ଯାଳୟ ଠାରେ ପ୍ରବାଦପୁରୁଷ, ରାଷ୍ଟ୍ରନାୟକ, ଅପ୍ରତିଦ୍ୱନ୍ଦ୍ୱୀ ରାଜନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କ ୨୪ତମ ଶ୍ରାଦ୍ଧ ଦିବସ କୋଭିଡ କଟକଣା ନିୟମାନୁସାରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିସଭା କରାଯାଇଥିଲା । ମହାନ ଜନନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ସୁନ୍ଦର ଓଡିଶା ଗଠନ ପାଇଁ ଉପସ୍ଥିତ ବିଜୁପ୍ରେମୀଗଣ ସଙ୍କଳ୍ପ କରିଥିଲେ । ଏଥିସହିତ ଉପସ୍ଥିତ ନେତୃବୃନ୍ଦ ବିଜୁବାବୁଙ୍କ ସେବା, ତ୍ୟାଗ ଏବଂ କର୍ମମୟ ଜୀବନ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ଏହି ଦିବସରେ ଯୁବ ସଂଗଠକ ସୁଶାନ୍ତ ବାରିକ, ବିଜେଡି ଜିଲ୍ଲା ସମ୍ପାଦକ ବାବୁଲାଲ ସାହୁ, ଜିଲ୍ଲା ଯୁବ ଉପ ସଭାପତି ସିବ ପଲେଇ, ଯୋଡା ବ୍ଲକ ଯୁବ ସଭାପତି ସୀବ ଆପଟ, ଜିଲ୍ଲା ସମ୍ପାଦକ ଡବର ମୁଣ୍ଡା, ଜିଲ୍ଲା ଉପସଭାପତି ରବୀନ୍ଦ୍ର କୁମାର ଦାସ, ଯୋଡା ଟାଉନ ବିଜେଡି ସଭାପତି ଚତୁର୍ଭୁଜ ପଲେଇ, ବରିଷ୍ଠ କର୍ମୀ ନିରଂଜନ ବହିଦାର, ପୂର୍ବତନ ନଗର ସଭାପତି ଜିତେନ୍ଦ୍ର ଜୟସ୍ୱାଲ, ବିଜୁ ଶ୍ରମିକ ସାମୁଖ୍ୟ ନଗର ସଭାପତି କାବୁ ଜେନା, ପବିତ୍ର ଦାସ, ଶୁରେନ୍ଦୁ ମିଶ୍ର, ଭବାନୀ ଶଙ୍କର ପଣ୍ଡା ପ୍ରମୁଖଙ୍କ ସମେତ ଅନ୍ୟ ବିଜୁପ୍ରେମୀଗଣ ଉପସ୍ଥିତ ଥିଲେ ।

# ଅଜିତ ମଙ୍ଗରାଜଙ୍କ ଅକାଳ ବିୟୋଗ ଦଳ ପାଇଁ ଅପୂରଣୀୟ କ୍ଷତି

ଭୁବନେଶ୍ୱର (ପିଏନ୍): ପୁରୀ ଜିଲ୍ଲା କଂଗ୍ରେସ କମିଟିର ସଭାପତି ତଥା ପିପିଲି ଉପନିର୍ବାଚନରେ କଂଗ୍ରେସ ଦଳୀୟ ପ୍ରାର୍ଥୀ ଶ୍ରୀଯୁକ୍ତ ଅଜିତ୍ ମଙ୍ଗରାଜଙ୍କ କରୋନାଜନିତ ଅକାଳ ବିୟୋଗ କଂଗ୍ରେସ ଦଳୀୟ କର୍ମୀ, ନେତୃମଣ୍ଡଳୀ ମନରେ ଗଭୀର ଦୁଃଖ ଦେଇଛି । ସ୍ୱର୍ଗତଃ ମଙ୍ଗରାଜଙ୍କ ଅକାଳ ବିୟୋଗ ଖବର ଶୁଣି ପିସିସି ସଭାପତି ଶ୍ରୀଯୁକ୍ତ ନିରଂଜନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗ, ଶୁଭେଚ୍ଛୁ ଓ ଦଳୀୟ କର୍ମୀଙ୍କୁ ସମବେଦନା ଜଣାଇଛନ୍ତି । ପିପିଲି-ଡେଲାଙ୍ଗରେ ଦଳୀୟ ନେତା ଓ କର୍ମୀ ଏ ଦୁଃଖଦ ଖବର ଶୁଣି ଆପୋଲୋ ହସ୍‌ପିଟାଲରେ ପହଂଚିଥିଲେ । ସର୍ବଶ୍ରୀ ପ୍ରାକ୍ତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଏଆଇସିସିର ସଂପାଦକ ଜି. ରୁଦ୍ର ରାଜୁ, ବିଧାୟକ ତାରାପ୍ରସାଦ ବାହିନୀପତି, ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ବିଧାୟକ ସନ୍ତୋଷ ସିଂ ସାଲୁଜା, ଶୁଭେନ୍ଦୁ ମହାନ୍ତି, ଅଧିରାଜ ମୋହନ ପାଣିଗ୍ରାହୀ, ରମେଶ ଜେନା, ସଂଗ୍ରାମ ଜେନା, ୟାସିର ନୱାଜ, ରଜତ ଚୌଧୁରୀ, ପଦ୍ମାକର ଗୁରୁ, ଦୀପକ କୁମାର ମହାପାତ୍ର, ମନୋଜ ବିଶ୍ୱାଳ, ଦୀପକ ସାହୁ, ସୁଶାନ୍ତ ତ୍ରିପାଠୀ, ସୁବାଷ ପ୍ରଧାନ, ପ୍ରତାପ ପ୍ରଧାନ, ତାପସ ସେଠୀ, ନିହାର ରଂଜନ ବେହେରା ପ୍ରମୁଖ ଶତାଧିକ ନେତୃମଣ୍ଡଳୀ ଶୋକାକୁଳ ପରିବେଶରେ ପ୍ରିୟ ନେତାଙ୍କ ପ୍ରତି ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ । ସ୍ୱର୍ଗତଃ ମଙ୍ଗରାଜ ଅକାଳ ବିୟୋଗ ଫଳରେ ପିପିଲି- ଡେଲାଙ୍ଗ ନିର୍ବାଚନ ମଣ୍ଡଳୀ ତଥା ପୁରୀ ବାସୀଙ୍କ ପାଇଁ ଓ ବିଶେଷ କରି କଂଗ୍ରେସ ଦଳ ପାଇଁ ଅପୂରଣୀୟ କ୍ଷତି ହୋଇଛି ବୋଲି ନେତାମାନେ ମତବ୍ୟକ୍ତ କରିଛନ୍ତି ।

# ମାସିକ ଆସର ଆମ ଅଭିବ୍ୟକ୍ତିର ସ୍ୱର

ଭୁବନେଶ୍ୱର (ପିଏନ୍): ଶୋଷଣ, କଷଣ, ଅନ୍ୟାୟ, ଅନୀତି ବିରୋଧରେ ଅଭିବ୍ୟକ୍ତିର ସ୍ୱର ଶାଣିତ ହେବା ଦରକାର । ଭାଷା ବିରୋଧୀମାନଙ୍କ ଚକ୍ରାନ୍ତକୁ ଅସଫଳ କରାଯିବ ଏବଂ ନିଶାକୁ ସମୂଳେ ନାଶ କରିବା ପାଇଁ ଅଭିଯାନ ଆରଂଭ କରାଯିବ । ଏହି ପରିପ୍ରେକ୍ଷୀରେ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ହୋଇଛି ମାସିକ ଆସର ଅଭିବ୍ୟକ୍ତିର ସ୍ୱର । ଟ୍ରଷ୍ଟର ଅଧ୍ୟକ୍ଷ ରାମଶଙ୍କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, କବି ଯମେଶ୍ୱର କହଲସିଂହ, ଆଇନଜୀବୀ ଅର୍ଜୁନ ଚରଣ ମହାନ୍ତି, ଗାଳ୍ପିକ ସୁନୀଲ ବୋଷ, ସ୍ତଂଭକାର ସମରେନ୍ଦ୍ର ବଳିଆରସିଂହ, କବି ତ୍ରିଲୋଚନ ଦାସ ଓ ନିଶିକାନ୍ତ କହଲସିଂହ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।




# ଆଶ୍ଚର୍ଯ୍ୟ ହେଲେବି ନିରାଟ ସତ: ପଶୁ ପକ୍ଷୀଙ୍କ ଖାଦ୍ୟର ସମ୍ଭାର ପାଲଟିଛି କୁସୁମିତା ଘାଟିର ମାଟି



କେନ୍ଦୁଝର: କେନ୍ଦୁଝର ଜିଲ୍ଲାରେ ପଶୁପକ୍ଷୀ ଙ୍କ ମନ ପସନ୍ଦ ଖାଦ୍ୟର ସମ୍ଭାର ପାଲଟିଛି କୁସୁମିତାଘାଟିରର ମାଟି । କଥାଟା ଶୁଣିବାକୁ ଟିକେ ଆଶ୍ଚର୍ଯ୍ୟ ଲାଗିଲେବି ନିରାଟ ସତ । ଆଉ ପଶୁପକ୍ଷୀମାନେ ମାଟି ଖାଉଥିବାର କଥା ନିଜ ଆଖିରେ ନ ଦେଖିଲେ ବିଶ୍ୱାସ କରିବା ହୁଏତ କଷ୍ଟକର । ଗାଁଲୋକଙ୍କ କହିବା କଥା ଏହା ଦିନକର କି ବର୍ଷକର କଥା ନୁହେ ଁଏହା ସେମାନଙ୍କର ବାପା,ଜେଜେବାପାଙ୍କ ଅମଳ ପୂର୍ବର କଥା । ତଥା ଦୀର୍ଘବର୍ଷର ଘଟଣା । କେନ୍ଦୁଝର ଜିଲ୍ଲାରେ ଏମିତି ଏକ ଘାଟି ରହିଅଛି ଯାହାର ମାଟି ଖାଇବାକୁ ଗୃହପାଳିତ ପଶୁ ଓ ଜଙ୍ଗଲୀ ପଶୁ ପକ୍ଷୀ ପାଗଳ ଭଳି ଛୁଟି ଆସିଥାଆନ୍ତି । କେନ୍ଦୁଝର ସଦର ବ୍ଲକ ବରଦାପାଳ ପଂଚାୟତର ବିପ୍ଳବୀ ଧରଣୀଧର ଭୂୟାଁଙ୍କର ଜନ୍ମସ୍ଥଳୀ କୁସୁମିତା ଗାଁକୁ ଯିବା ସମୟରେ ମୁଖ୍ୟ ରାସ୍ତାରେ ପଡେ ଭୋଲଖିଆ ବା ଘୋଡାବିନ୍ଧା ଘାଟି । ଏହି ରାସ୍ତାର୍ଟ ପୂର୍ବରୁ ଏକ ପାଦଚଲା ରାସ୍ତା ଥିବାବେଳେ ବର୍ତମାନ କିଛିବର୍ଷ ହେବ ଏହି ଘାଟିକୁ କଟାଯାଇ ପ୍ରଶସ୍ତ ରାସ୍ତା ତିଆରି ଚାଲିଛି । ଏହି ଘାଟିର ଦୁଇ ପାର୍ଶ୍ୱରୁ ନିର୍ଦ୍ଧିଷ୍ଟ କିଛି ଅଂଶରେ ଥିବା ମାଟିକୁ ଗାଈଗୋରୁ ଛେଳି ଓ ହାତୀ ଭାଲୁ ଭଳି ଜଙ୍ଗଲୀ ପଶୁପକ୍ଷୀ ଆଦି ଖାଉଥିବା ଏବେ ନଜରକୁ ଆସିଛି । ଗାଁ ଲୋକଙ୍କର କହିବାନୁସାରେ ଏହି ଗାଁ ହେଉଛି ବିପ୍ଳବୀ ଧରଣୀର ମାଟି ଓ ଏହି ଅଂଚଳର ମାଟି ପାଣି ପବନର ଅନେକ ମହତ୍ୱ ସହିତ ଇତିହାସ ମଧ୍ୟ ଯୋଡି ହୋଇ ରହିଛି । ରାଜରାଜୁଡାଙ୍କ ସମୟରୁ ଏଠାରେ ଜୀବଜନ୍ତୁ ଏହି ମାଟି ଖାଇ ଆସୁଛନ୍ତି । ମାଟି ଖାଇଥିବା ସ୍ଥାନରେ ପଶୁ ପକ୍ଷୀଙ୍କର ଦାନ୍ତ ଓ ଥଣ୍ଟ ଚିହ୍ନ ମଧ୍ୟ ରହିବା ସହ ସେହି ସ୍ଥାନ ଗୁଡିକରେ ଖୋଲ ମଧ୍ୟ ହୋଇ ଯାଇଛି । ହେଲେ ଏବେ ରାସ୍ତାକାମ ପାଇଁ ଘାଟି କଟାଯିବା ସହ ରାସ୍ତା ଗଳି ଭଳି ହୋଇଯାଇଛି । ଏହି ରାସ୍ତା ଦେଇ ପାଖରେ ଥିବା ଦୁଇ ଦୁଇଟି ସ୍ପ କାରଖାନାକୁ ସବୁବେଳେ ଗାଡି ଯାତାୟତ କରିବାରୁ ହାତୀ ଆଉ ଆସି ପାରୁ ନାହାନ୍ତି । ଫଳରେ ଗାଁରେ ପଶି ବ୍ୟାପକ କ୍ଷତି କରୁଛନ୍ତି । ଆହୁରୀ ମଧ୍ୟ ଲୋକଙ୍କର କହିବା କଥା ହେଲା ବିପ୍ଳବୀ ଧରଣୀଧର ଭୂୟାଁ ଯେତେବେଳେ ରାଜ ଦରବାର ଆଦିକୁ ଯାଉଥିଲା ଏହି ମାଟିକୁ ଦେହରେ ଲେପି ହୋଇଯାଉଥିଲା ଓ ଏହି ମାଟି ହେଉଛି ବୀରମାଟି ଏବଂ ଏହି ଅଂଚଳର ମାହାତ୍ମ ମଧ୍ୟ ରହିଛି ବୋଲି କହିଛନ୍ତି ଅଂଚଳର ବାସିନ୍ଦା କାହ୍ନୁଚରଣ ପ୍ରଧାନ, ଗୌରାଙ୍ଗ ପ୍ରଧାନ, ମକୁରୁ ନ୍ୱଶଳଙ୍କ ସହ ସମାଜିକ କର୍ମୀସଯ ସାହୁ ପ୍ରମୁଖ । ଅନ୍ୟପଟେ ପଶୁ ବିଶେଷଜ୍ଞ ଡଃ ଶୁକାନ୍ତ କୁମାର ସାହୁ, ଭିଏସଙ୍କ ମତରେ ଜୀବଜନ୍ତୁଙ୍କର ଦେହରେ ଭିଟାମିନ କିମ୍ବା ଫସଫରସ କମିଲେ ସେମାନେ ମାଟି ଖାଇଥାନ୍ତି । ହେଲେ ସେ ଘାଟିର ମାଟିକୁ ପରୀକ୍ଷାକରିବା ପରେ ନିର୍ଦ୍ଧିଷ୍ଟ କାରଣ ଜଣାପଡିବ । ବର୍ତମାନ କେନ୍ଦୁଝର ଜିଲ୍ଲାରେ ବିକାଶ ନାରେ ବ୍ୟାପକ ଜଙ୍ଗଲ ଧ୍ୱଂସ ହେବା ଫଳରେ ହାତୀ ଭାଲୁ ହରିଣ ଭଳି ଜଙ୍ଗଲି ଜନ୍ତୁ ଗାଁ ମୁହାଁ ହୋଇ ବ୍ୟାପକ କ୍ଷତି ଘଟାଉଥିବା ବେଳେ ସମୟ ସମୟରେ ଜନ୍ତୁମାନେ ଲୋକଙ୍କ ଆକ୍ରୋଶର ଶୀକାର ହୋଇ ଜୀବନ ମଧ୍ୟ ହରାଉଛନ୍ତି । ତେଣୁ ଏହି ମାଟି ଯେତେବେଳ ପର୍ଯ୍ୟନ୍ତ ଜଙ୍ଗଲି ଜନ୍ତୁଙ୍କର ପ୍ରିୟ ଖାଦ୍ୟ ହୋଇ ରହି ଆସିଥିଲା ଜିଲ୍ଲା ପ୍ରଶସନ ତାହାର ପରୀକ୍ଷା ନିରୀକ୍ଷା କରି ରକ୍ଷଣା ବେକ୍ଷଣ ଉପରେ ଧ୍ୟାନ ଦେବା ଉଚିତ ବୋଲି ମତ ପ୍ରକାଶ ପାଉଛି ।

## କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ମାଗଣାରେ ଚିନାବାଦାମ କିଟ୍ ବଣ୍ଟନ

କେନ୍ଦୁଝର: କେନ୍ଦୁଝର ଜିଲ୍ଲାର ସଦର ବ୍ଲକର ୭ଟି ପ□ାୟତର ଚାଷୀଙ୍କୁ କୃଷି ବିଭାଗ ପକ୍ଷରୁ ରାଜ୍ୟ ଯୋଜନାରେ ମାଗଣା ଚିନାବାଦାମ କିଟ ବଣ୍ଟନ କରାଯାଇଛି । ସଦର ବ୍ଲକର ସେଲ୍ସ ସେଣ୍ଟରରେ ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ୧୦୦ ଜଣ ଚାଷୀଙ୍କୁ ୧୦୦ ବସ୍ତା ଚିନାବାଦାମ ବିହନ ଦେଇଥିଲେ । ତୈଳବିଜ ଜାତୀୟ ଚାଷ ଚିନାବାଦାମ ଏକ ଲାଭକାରୀ ଚାଷ ହୋଇଥିବାରୁ ସରକାରଙ୍କ ପକ୍ଷରୁ ରାଜ୍ୟ ଯୋଜନାରେ ଚିନାବାଦାମ କିଟ୍ ଦିଆଯାଉଛି । ୯୦ ଦିନ ମଧ୍ୟରେ ଚିନାବାଦାମ ଅମଳ ହେଉଥିବାରୁ ଅଧିକ ଲାଭ ହେଉଛି । ଏକର ପିଛା ୮ରୁ ୧୦ କ୍ୱିଣ୍ଟାଲ ଉତ୍ପାଦନ ହେଉଛି । ସଦର ବ୍ଲକର ପର୍ଜନପୁର, ପଦ୍ମପୁର, ବାଉରୀପଦା, ଗୋବର୍ଦ୍ଧନ, ରାଇକଳା, ରାଇସୁଆଁ ଗ୍ରାମପ□ାୟତର ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ଆଗ୍ରହୀ ଚାଷୀଙ୍କୁ ଚିନାବାଦାମ ବିହନ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀ ନିକୁ କିଶୋର ରାଉତ,ବ୍ଲକ କୃଷି ଅଧିକାରୀ ଘାଷିନାଥ ପାତ୍ର,ଭାରପ୍ରାପ୍ତ ସହକାରୀ କୃଷି ଅଧିକାରୀ ପ୍ରଫୁଲ୍ଲ କୁମାର ପ୍ରଧାନ,ପଦ୍ମପୁର ଓଭରସିୟର ରଘୁନାଥ ସାହୁ ଉପସ୍ଥିତ ରହି ଚାଷୀମାନଙ୍କୁ ଚିନାବାଦାମ କିଟ ବଣ୍ଟନ କରିଥିଲେ । ସଫଳ ଚାଷୀ ଗୋବର୍ଦ୍ଧନ ଗ୍ରାମର ସଫଳ ଚାଷୀ ଦୂର୍ଯ୍ୟୋଧନ ପାତ୍ର,କଷିରା ଗ୍ରାମର ଡମ୍ବରୁଧର ମାଝୀ,ସୟ ମହାନ୍ତ ସୁଲେଖା ଦେହୁରୀ,ବଦ୍ରୀ ବେହେରା,ମାଧୁରୀ ଖଟୁଆ,ବିଶ୍ୱନାଥ ନାୟକ,କୀର୍ତ୍ତନ ନାୟକ,ଯୁଧିଷ୍ଠିର ନାୟକ ପ୍ରମୁଖ ଚିନାବାଦାମ କିଟ୍ ଗ୍ରହଣ କରିଥିଲେ ।

# ଟୀକା ବିକ୍ରୀ ଘଟଣା, ଜିଲ୍ଲା ଟିମ୍‌ର ତଦନ୍ତ

ହାଟଡିହି/ଆନନ୍ଦପୁର: କରୋନା ଟୀକା ବିକ୍ରୀ ଏବଂ ନିଜ ସମ୍ପର୍କୀୟଙ୍କୁ ରାସ୍ତା ଉପରେ ଟୀକା ଦେବା ଘଟଣାକୁ ନେଇ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ପରିବାର କଲ୍ୟାଣ ନେତୃତ୍ୱରେ ଏକ ଟିମ୍ ଆସି ହାଟଡିହି ବ୍ଲକ ଶାଳଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ତଦନ୍ତ କରୁଛନ୍ତି । ଗତ ଶନିବାର ଦିନ ସରଳା ଗ୍ରାମରେ ଅନୁଷ୍ଠିତ ହେବାକୁ ଥିବା କୋଭିଡ୍ ଟିକାକରଣକୁ ଟୀକା ନେଇ ଯାଉଥିବା ଜଣେ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ରାସ୍ତାରେ କିଛି ସମ୍ପର୍କୀୟଙ୍କୁ ଟୀକା ଦେବା ଅଭିଯୋଗ ହୋଇଥିଲା । ଏହି ଅଭିଯୋଗକୁ ଆଧାର କରି ଅତିରିକ୍ତ ଚିକିତ୍ସାଧିକାରୀ (ପରିବାର କଲ୍ୟାଣ) ଡଃ ପ୍ରଣତିନି ନାୟକଙ୍କ ନେତୃତ୍ୱରେ ଡବ୍ଲ୍ୟୁଏଚ୍‌ଓର କେନ୍ଦୁଝର ମୁଖ୍ୟ ଡଃ ସନ୍ତୋଷ ସାହୁ, ଡିପିଏଚସିଓ ପିତବାସ ମିଶ୍ର ଆସି ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀ, ଆଶା, ଅଙ୍ଗନୱାଡି କର୍ମୀଙ୍କ ବୟାନ ରେକର୍ଡ କରିଥିଲେ । ତେବେ ତଦନ୍ତରେ ଟୀକା ବିକ୍ରୀ ହୋଇ ନଥିବା ସ୍ପଷ୍ଟ ହୋଇଛି । ସୂଚନାଯୋଗ୍ୟ ଯେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ହାଟଡିହି ବ୍ଲକରେ ମାର୍ଚ୍ଚ ୩ତାରିଖ ଠାରୁ ବର୍ତ୍ତମାନ ସୁଦ୍ଧା ୧୭୬ଗୋଟି ସେସନ୍ କରାଯାଇ ମୋଟ୍ ୨୮୯୧୬ ଟୀକା ପ୍ରଦାନ କରାଯାଇଛି । ଯାହାକି ସମଗ୍ର ଜିଲ୍ଲାରେ ପ୍ରଥମ ବ୍ଲକ ଭାବେ ଏହି ସଫଳତା ଅର୍ଜନ କରିଛି । ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ଉଦ୍ୟମ କ୍ରମେ ଏହି କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମରେ ଅନ୍ୟ ବ୍ଲକ ତୁଳନାରେ ବହୁ ଆଗରେ ରହିଛି । ସମସ୍ତ ପଂଚାୟତ ଓ ଗ୍ରାମରେ ଶାନ୍ତି ଶୃଙ୍ଖଳାରେ ଟିକାକରଣ ହେଉଥିବା ବେଳେ କୌଣସି ସ୍ଥାନରୁ ଟୀକା ବିକ୍ରୀର ଅଭିଯୋଗ ଆସିନାହିଁ । କିନ୍ତୁ କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଚକ୍ରାନ୍ତ କରି ଉଦ୍ଦେଶ୍ୟ ମୂଳକ ଭାବେ ବ୍ୟକ୍ତିଗତ ଶତ୍ରୁତା ହେତୁ ଏହି ମିଛ ଫଟୋ ଭିଡିଓକୁ ଭାଇରାଲ କରି ନାନା ମିଥ୍ୟା ଅଭିଯୋଗ ଅପପ୍ରଚାର ହେଉଛି ଯାହାକି ସାଧାରଣରେ ନାପସନ୍ଦ କରାଯାଇଛି । ଏପରି ଘଟଣା କୋଭିଡ୍ ଯୋଦ୍ଧାଙ୍କ ମନୋବଳକୁ ହ୍ରାସ କରୁଛି ବୋଲି କୁହାଯାଇଛି । କୋଭିଡ୍ ଭଳି ମହାମାରୀକୁ କରୋନା ଯୋଦ୍ଧାମାନେ ଆଗକୁ ଆସି କୋଭିଡ୍ ପରୀକ୍ଷା ଟିକାକରଣ ଆଦି କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରୁଥିବା ବେଳେ ସେମାନଙ୍କ ମନୋବଳ ଦୃଢ କରିବା ପାଇଁ ଜନସାଧାରଣଙ୍କ ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି । ତେବେ ଚକ୍ରାନ୍ତକାରୀ ଓ ଅପପ୍ରଚାର କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି ।

# ସର୍ବୋଚ ଅଦାଲତକୁ ଗଲା ଶ୍ରୀବଳଦେବଜୀଉ ରଥଯାତ୍ରା ମାମଲା

କେନ୍ଦ୍ରାପଡ଼ା : ଶ୍ରୀକ୍ଷେତ୍ର ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ଚଳିତବର୍ଷ ରଥଯାତ୍ରା ହେବନାହିଁ ବୋଲି ଉଚ୍ଚ ନ୍ୟାୟାଳୟ ମନାକରିବା ପରେ କେନ୍ଦ୍ରାପଡାର ଆରାଧ ଦେବତା ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ପୀଠରେ ରଥଯାତ୍ରା ଅନୁଷଷ୍ଠିତ ହେବା ପାଇଁ ସେବାୟତମାନେ ସର୍ବୋଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି । ସେବାୟତଙ୍କ ପକ୍ଷରୁ ମଦନମୋହନ ପତ୍ରୀ ଗଣମାଧ୍ୟମକୁ କହିଛନ୍ତି ଆମେ ହାଇକୋର୍ଟକୁ ନିବେଦନ କରିଥିଲୁ ତୁଳସୀକ୍ଷେତ୍ରରେ ରଥ ଗଡିବା ପାଇଁ । ହେଲେ ହାଇକୋର୍ଟ କରୋନା ମହାମାରୀ ମାର୍ଗଦର୍ଶିକା ଅନୁଯାଇ ରଥଯାତ୍ରା ହେବନାହିଁ ବୋଲି ରୋକଠକ ଜଣାଇଦେଲେ ।

# ଫକୀରପୁର ୧୦ନଂ ୱାର୍ଡରେ ଉନ୍ନୟନ ଠପ୍, ଡ୍ରେନ୍ ନଥିବାରୁ ଲୋକେ ଦହଗ

ଆନନ୍ଦପୁର:ବର୍ଷାଦିନ ଆସିବା ପରେ ଆନନ୍ଦପୁର ସହରବାସୀଙ୍କ ଚିନ୍ତା ବଢିଯାଇଛି । ବିଶେଷ କରି ସହରର ପ୍ରମୁଖ ୱାର୍ଡରେ ଡ୍ରେନେଜ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଛି । ଆନନ୍ଦପୁର ପୌରା□ଳର ୧୦ନଂ ୱାର୍ଡ ଲୋକମାନଙ୍କ ଦୁର୍ଦ୍ଦଶା ବଢି ଯାଇଛି । ଫକୀରପୁର ସହରୀ ଜୀବନର ଅସଲ ଚିତ୍ର ଦେଖିବାକୁ ମିଳିଛି । ଶାଳଣିଆ ସାହି, ବଡବଣିଆ ସାହି, ଜେନାସାହି, ମାଝୀ ସାହି, କାମର ସାହି, ନାଥ ସାହିର, ରାଉଳ ସାହିର କିଛି ଅଂଶକୁ ନେଇ ୧୦ନଂ ୱାର୍ଡ ଗଠିତ । ଏହି ୱାର୍ଡରେ ୫ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି । ବାସ୍ତବରେ ଏମାନେ ସହରରେ ରହୁଥିଲେ ମଧ ଗ୍ରାମା□ଳ ଠାରୁ ଦୟନୀୟ ଜୀବନ ବିତାଉଥିବା ଅଭିଯୋଗ ହୋଇଛି । ୧୦ନଂ ୱାର୍ଡର କୌଣସି ସାହିରେ ଡ୍ରେନେଜ ବ୍ୟବସ୍ଥା ନାହିଁ । ପୂର୍ବରୁ ଯାହା କିଛି ହୋଇଥିବା ଏବେ ସବୁ ଭାଙ୍ଗିରୁଜି ଗଲାଣି । ପ୍ରତିବର୍ଷ ସହରା□ଳ ବିକାଶ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଆସୁଥିଲେ ହେଁ ଉନ୍ନୟନ କାର୍ଯ୍ୟ ଠପ୍ ହୋଇଯାଇଛି ।

# କଂଗ୍ରେସ ବ୍ଲକ ସଭାପତିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା: ଏସ୍‌ପିଙ୍କୁ ଭେଟିଲେ ଜିଲ୍ଲା ମହିଳା ଓ ଯୁବ କଂଗ୍ରେସ

ଆନନ୍ଦପୁର: ରାତି ପ୍ରାୟ ୧୧ଟା ସମୟରେ ଘଷିପୁରା ବ୍ଲକ କଂଗ୍ରେସ ସଭାପତି ସୁବ୍ରତ ଚକ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି ଘଷିପୁରା ପୂର୍ବତନ ବ୍ଲକ ଅଧକ୍ଷ ଦେବାଶିଷ ପାତ୍ର । ସୂଚନାଯୋଗ୍ୟ ଯେ ସେଦିନ ଘଷପୁରା ବ୍ଲକ କଂଗ୍ରେସ ସଭାପତି ସୁବ୍ରତ ଚକ୍ର ଓଡପଡା ଗ୍ରାମରୁ ତାଙ୍କର ଜଣେ ବନ୍ଧୁଙ୍କୁ ଦେଖା କରି ଫେରୁଥିବା ସମୟରେ ହୋଇଥିଲା ଅଘଟଣ । ରାତି ପ୍ରାୟ ୧୧ଟା ସମୟରେ ଫେରିବା ବେଳେ ଶାଳଣିଆ ଛକ ନିକରେ ଦେବାଶିଷଙ୍କ ସମେତ ଚରୁଆଁ ସରପଂଚ ବଳରାମ ବେହେରା ତାଙ୍କୁ ଆକ୍ରମଣ କରିଥିଲେ ଏବଂ ତାଙ୍କ ଗାଡିର କାଚକୁ ପିଟି ଭାଙ୍ଗି ଦେଇଥିଲେ । ସୁବ୍ରତ ସେଠାରୁ ଜୀବନ ବିକଳରେ ପଳାଇ ଆସିଥିଲେ । ଏହି ଘଟଣାକୁ ଦୁଇଦିନ ବିତି ଯାଇଥିଲେ ମଧ ପୋଲିସ୍ କାହାରିକୁ ଗିରଫ କରିନାହିଁ । ସେଥିପାଇଁ ଆଜି ମହିଳା କଂଗ୍ରେସ ତରଫରୁ ଜିଲ୍ଲା ସଭାନେତ୍ରୀ ଶ୍ରୀମତୀ ସଙ୍ଗୀତା ସିଂଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏବଂ ଯୁବ କଂଗ୍ରେସ ଜିଲ୍ଲା ସଭାପତି ସୁନେଓ ଧୀରଙ୍କ ନେତୃତ୍ୱରେ ଶତାଧିକ ଯୁବକ ଯାଇ ଏସ୍‌ପିଙ୍କୁ ଭେଟି ଶୀଘ୍ର ଗିରଫ ଦାବି କରିଥିଲେ । ଯଦି ଶୀଘ୍ର କାର୍ଯ୍ୟାନୁଷ୍ଠାନ ନନେବେ ତେବେ ଆଗାମୀ ଦିନରେ ଆନ୍ଦୋଳନ ଉଗ୍ର ରୂପ ନେବ ବୋଲି ଚେତାବନୀ ଦେଇଛନ୍ତି ।

# ମହିଳାଙ୍କୁ ହତ୍ୟା ଘଟଣାରେ ପୋଲିସର ଉଦାସୀନତା ବିରୋଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

## କ୍ରାଇମବ୍ରାଂଚ ତଦନ୍ତ ଦାବି କଲା ପରିବାର




କେନ୍ଦ୍ରାପଡା, (ପିଏନ)-ଅଧିକ ଯୌତୁକ ଦାବିକରି ମହିଳାଙ୍କୁ ନିର୍ଯ୍ୟାତନା ଦେଇ ହତ୍ୟା କରିଥିବା ଘଟଣାରେ ପୋଲିସର ଉଦାସୀନତା ପ୍ରତିବାଦରେ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ମୃତ ମହିଳାଙ୍କ ପରିବାର ଲୋକେ । ଅଭିଯୋଗ ଅନୁଯାଇ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଜରିଆବାଡ ଗ୍ରାମର ବୁଲାକର ମଳିକଙ୍କ ପୁଅ ନାରାୟଣ ମଳିକ ସଦର ଥାନାରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ଭଉଣୀ ସସ୍ମିତା ମଳିକ ଗତ ୧୪ବର୍ଷ ତଳେ ସଦର ଥାନା ଅନ୍ତର୍ଗତ ଗରାପୁର ଗ୍ରାମର ବାଇଧର ମଳିକଙ୍କୁ ବିବାହ କରିଥିଲେ । ବିବାହର କିଛିଦିନ ପରେ ଉଭୟ ସସ୍ମିତା ଓ ବାଇଧରଙ୍କ ମଧ୍ୟରେ ପାଟିଗୋଳ ଆରମ୍ଭ ହୋଇଥିଲା । କାରଣ ବାଇଧର ଅନ୍ୟଏକ ଝିଅକୁ ଭଲପାଉଥିଲା । ଏହି ପାଟିଗୋଳ ହେବା ପରେ ତାଙ୍କ ଭଉଣୀ ବାପଘରକୁ ଚାଲିଯାଏ । ଶାଶୁଘର ଲୋକେ କିଛିଦିନ ପରେ ଯାଇ ସସ୍ମିତାକୁ ବୁଝାଶୁଝା କରି ନେଇଆସିଥାନ୍ତି । ଏଭଳି ବାରମ୍ବାର ହୋଇଥାଏ । ତାଙ୍କ ଭଉଣୀର ଶାଶୁ ଭାରତୀ ମଳିକ,ଦିଅର ଧକି,ଯାଆ ପୁଷ୍ପା,ମାମୁଁ ଆଦିକନ୍ଦ ପ୍ରମୁଖ ମିଶି ତାଙ୍କ ଭଉଣୀ ସସ୍ମିତାକୁ ଅଧିକ ଯୌତୁକ ଦାବୀକରି ସସ୍ମିତାକୁ ମାନସୀକ,ଶାରୀରିକ ନିର୍ଯ୍ୟାତନା ଦେଇଥିବା ସମ୍ପର୍କରେ ତାଙ୍କ ଭଉଣୀ ପୂର୍ବରୁ ଜଣାଇଛି ବୋଲି ସେ ଅଭିଯୋଗ କରିଛନ୍ତି । ଶେଷରେ ତାଙ୍କ ଭଉଣୀକୁ ସମସ୍ତେ ମିଶି ମାରିଦେଇଥିବା ମଧ୍ୟ ସେ ସଦର ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତିକରି ସଦର ଥାନା ପୋଲିସ ୨୩୭/ ୨୦୨୦ରେ ଆଇପିସିର ଧାରା ୪୯୮(କ),୩୦୨,୩୪ଦଫାରେ ଏବଂ ଯୌତୁକ ନିରୋଧ ଆଇନ ୪ ଅନୁଯାଇ ଏକ ମାମଲା ରୁଜୁକରିଛନ୍ତି । ସଦର ଥାନା ପୋଲିସ ମୃତକର ସ୍ୱାମୀ ବାଇଧର ମଳିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ମଧ୍ୟ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ନକରିବା ଏବଂ ବିବାହ ସମୟରେ ଝିଅ ସସ୍ମିତାକୁ ଦିଆଯାଇଥିବା ସମସ୍ତ ଜିନିଷ ନଫେରାଇବା ଘଟଣା ଏବଂ ହତ୍ୟାକୁ ଆତ୍ମହତ୍ୟାର ରୂପ ଦେବାକୁ ପୋଲିସ ଉଦ୍ୟମ କରୁଥିବା ଘଟଣା ପୋଲିସର ନୀରପେକ୍ଷତା ଉପରେ ସନ୍ଦେହ ପ୍ରକାଶ କରି ପରିବାର ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ଏଥିସହିତ ଏହି ହତ୍ୟା ଘଟଣାର କ୍ରାଇମବ୍ରାଂଚ ତଦନ୍ତ କରାଯିବାକୁ ପରିବାର ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ର ପରିବାର ପକ୍ଷରୁ ନାରାୟଣ ମଳିକ, ଶୁକାନ୍ତି ମଳିକ, ବିନିତା ମଳିକ, ସୁଷମା ମଳିକ, ରଚନା ମଳିକ ପ୍ରମୁଖ ଦେଇଛନ୍ତି ।

# ବେଦାନ୍ତ ପକ୍ଷରୁ ଦ୍ୱିତୀୟ କୋଭିଡ୍ ହସ୍ପିଟାଲ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଲୋକାର୍ପିତ



ଭୁବନେଶ୍ୱର : ଭାରତର ବୃହତ୍ ଆଲୁମିନିୟମ୍ ଉତ୍ପାଦନକାରୀ ତଥା ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ଓଡ଼ିଶା ସରକାରଙ୍କୁ କୋଭିଡ୍ ଲଢ଼େଇରେ ସହାୟତାର ହାତ ବଢ଼ାଯାଇଛି । ଏହା ଅନ୍ତର୍ଗତ ବେଦାନ୍ତ ପକ୍ଷରୁ ଓଡ଼ିଶାର ଦେବଗଡ଼ ସ୍ଥିତ ଏକଲବ୍ୟ ମଡେଲ ଆବାସିକ ସ୍କୁଲରେ କୋଭିଡ୍ ହସ୍ପିଟାଲ ସ୍ଥାପନ କରାଯାଇଛି । ଦେବଗଡ଼ ଏବଂ କଳାହାଣ୍ଡିରେ କୋଭିଡ ଚିକିତ୍ସା ସୁବିଧା ସହିତ ବେଦାନ୍ତ ପକ୍ଷରୁ ଓଡ଼ିଶା ସରକାରଙ୍କୁ ଚିକିତ୍ସା କ୍ଷେତ୍ରରେ ସାହାଯ୍ୟ କରିବା ପାଇଁ ୩୦୦ ଶଯ୍ୟା ବିଶିଷ୍ଟ କ୍ରିଟିକାଲ କେୟାର କୋଭିଡ୍ ହସ୍ପିଟାଲ ସ୍ଥାପନ କରାଯାଇଛି ।ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏକ ଭର୍ଚୁଆଲ ଉତ୍ସବରେ ହସ୍ପିଟାଲକୁ ଲୋକାର୍ପିତ କରିଛନ୍ତି । ଏହି ଅବସରରେ କେନ୍ଦ୍ରୀୟ ମାନ୍ୟବର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ଏବଂ ଇସ୍ପାତ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବେଦାନ୍ତ ଗ୍ରୁପର ଅଧକ୍ଷ ଶ୍ରୀ ଅନୀଲ ଅଗ୍ରୱାଲ ତଥା ବେଦାନ୍ତ ଲିମିଟେଡ୍‌ର ଆଲୁମିନିୟମ୍ ବିଜ୍‌ନେସ୍‌ର ସିଇଓ ଶ୍ରୀ ରାହୁଲ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।ଅନୀଲ ଅଗ୍ରୱାଲ ଫାଉଣ୍ଡେଶନ ପକ୍ଷରୁ ନିର୍ମିତ ଏହି ଦୁଇଟି ହସ୍ପିଟାଲକୁ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି ଏବଂ ଉଭୟ ହସ୍ପିଟାଲ ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ହେବ ।ଦେବଗଡ଼ରେ ନିର୍ମିତ ହୋଇଥିବା ୧୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲଟି ସମ୍ପୂର୍ଣ୍ଣ ଅକ୍ସିଜେନେଟେଡ୍ ହେବା ସହିତ ଏଠାରେ ୧୨ଟି ଆଇସିୟୁ ଏବଂ ୩୨ଟି ହାଇ ଡିପେଣ୍ଡେନ୍ସି ୟୁନିଟ୍ ତଥା ପେଡ଼ିଆଟ୍ରିକ୍ କୋଭିଡ୍ ଆଇସିୟୁ ସହିତ ଏଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ଏବଂ ମେଡ଼ିକାଲ କର୍ମଚାରୀ ରୋଗି ମାନଙ୍କ ସେବା ପାଇଁ ଉପଲବ୍ଧ ଅଛନ୍ତି । ବେଦାନ୍ତ ପକ୍ଷରୁ କୋଭିଡ କ୍ଷେତ୍ରରେ ସ୍ଥାପିତ ଏହି ନୂତନ ହସ୍ପିଟାଲଟି ଦେଶରେ ଅନ୍ତିମ ହସ୍ପିଟାଲଟି ଅଟେ । ବେଦାନ୍ତ ପକ୍ଷରୁ ସମଗ୍ର ଭାରତରେ ୧୦୦୦ରୁ ଅଧିକ କ୍ରିଟିକାଲ କେୟାର ଶଯ୍ୟା ସ୍ଥାପନ କରାଯାଇଛି, ସେଥି ମଧ୍ୟରୁ ଓଡ଼ିଶାକୁ ସବୁଠାରୁ ଅଧିକ ଶଯ୍ୟାର ସହାୟତା କରାଯାଇଛି ।ଏହି ଅବସରରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଲେ, ବେଦାନ୍ତ ଗ୍ରୁପର ସହଯୋଗରେ ଆମେ କାଳାହାଣ୍ଡିରେ ୨୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନାର ଶୁଭାରମ୍ଭ କଲୁ ଏବଂ ଆଜି ଦେବଗଡରେ ୧୦୦ ଶଯ୍ୟା ବିଶିଷ୍ଟ ଏହି ଡାକ୍ତରଖାନାକୁ ଲୋକାର୍ପଣ କରିଛୁ । କର୍ପୋରେଟ ସେକ୍ଟର ଭାବରେ ଆଗକୁ ଆସିଥିବାରୁ ଏବଂ କୋଭିଡ ବିରୋଧରେ ଆମର ସଂଗ୍ରାମରେ ଭାଗ ନେଇଥିବାରୁ ମୁଁ ଶ୍ରୀ ଅନିଲ ଅଗ୍ରୱାଲ ଏବଂ ବେଦାନ୍ତ ପରିଚାଳନାକୁ ଧନ୍ୟବାଦ ଦେଉଛି । ଏହି ଅବସରରେ ଭାରତ ସରକାରଙ୍କ ମାନ୍ୟବର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ଏବଂ ଇସ୍ପାତ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ, ଦେବଗଡ ପରି ଏକ ସୁଦୂର ସ୍ଥାନରେ କୋଭିଡ ହସ୍ପିଟାଲ ସ୍ଥାପନ ପାଇଁ ଆମର ପ୍ରସ୍ତାବକୁ ତୁରନ୍ତ ଗ୍ରହଣ କରିଥିବାରୁ ମୁଁ ଶ୍ରୀ ଅନିଲ ଅଗ୍ରୱାଲ ଏବଂ ବେଦାନ୍ତ ପରିଚାଳନାକୁ ଧନ୍ୟବାଦ ଦେଉଛି । ଓଡ଼ିଶାରେ କୋଭିଡ଼ ସହିତ ଲଢ଼ିବା ପାଇଁ ଏହା ନିଶ୍ଚିତ ଭାବେ ଅନେକ ସାହାଯ୍ୟ କରିବ । ଆପଣଙ୍କର ଏହି ଉଦାରପଣତା କୁ ମୁଁ ଉପଯୁକ୍ତ ସାମାଜିକ ଦାୟିତ୍ୱବୋଧ ବୋଲି ମାନେକରେ ଏବଂ ଏଥିପାଇଁ ମୁ ଆପଣଙ୍କୁ ଧନ୍ୟବାଦ ଜଣାଉଛି । ଏହି ଅବସରରେ ବେଦାନ୍ତ ରିସୋର୍ସେସ୍‌ର କାର୍ଯ୍ୟନିର୍ବାହୀ ଅଧକ୍ଷ ଶ୍ରୀ ଅନୀଲ ଅଗ୍ରୱାଲ କହିଲେ, ଦେବଗଡ଼ର କୋଭିଡ୍ ହସ୍ପିଟାଲ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଆମର ଏକ ସହାୟତାପୂର୍ଣ୍ଣ ପଦକ୍ଷେପ । ବେଦାନ୍ତ କେୟାର ଫିଲ୍ଡ ହସ୍ପିଟାଲ ପ୍ରକଳ୍ପ ଭାରତରେ କୋଭିଡ୍ ମହାମାରୀ ବିରୋଧରେ ଜାରି ରହିଥିବା ଲଢ଼େଇରେ ଆମର ଏକ ପ୍ରମୁଖ ପ୍ରୟାସ । ମୁଁ ଖୁସି ଯେ ଆମର ପ୍ରତିଶୃତି ଅନୁସାରେ ଆମେ ଅଧିକ ସହାୟତା ଯୋଗାଇ ଦେଇଛୁ । ମୁଁ ମଧ ସରକାରଙ୍କୁ ଏ କ୍ଷେତ୍ରରେ ଧନ୍ୟବାଦ ଜଣାଉଛି ଆମକୁ ଆବଶ୍ୟକ ସହାୟତା ଯୋଗାଇ ଦେଇଥିବାରୁ ଏବଂ ଆମେ ଏକ ମାସ ମଧ୍ୟରେ ସାରା ଦେଶରେ ସୁବିଧା ଉପଲବ୍ଧ କରାଇପରିଛୁ । ଦେଶରେ କୋଭିଡ୍ ବିରୋଧୀ ଲଢ଼େଇରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି ଏବଂ ଲୋକମାନଙ୍କୁ ସୁରକ୍ଷିତ ରଖିବା ପାଇଁ ସହାୟତା ଜରି ରହିଛି ।ଏହି ଅବସରରେ ବେଦାନ୍ତ ଲିମିଟେଡ୍ ଆଲୁମିନିୟମ୍ ବିଜ୍‌ନେସ୍‌ର ସିଇଓ ଶ୍ରୀ ରାହୁଲ ଶର୍ମା କହିଲେ, ଦେବଗଡ଼ରେ ବେଦାନ୍ତ ପକ୍ଷରୁ ଦ୍ୱିତୀୟ କୋଭିଡ୍ ହସ୍ପିଟାଲ ଓଡ଼ିଶା ସରକାରଙ୍କ ସହଯୋଗରେ ସ୍ଥାପନ କରାଯାଇଛି । ଆମେ ଆଶା କରୁଛୁ କଳାହାଣ୍ଡି ଏବଂ ଦେବଗଡ଼ର ହସ୍ପିଟାଲ ଓଡ଼ିଶାର ଜନସାଧାରଣଙ୍କ ଲାଗି ଆବଶ୍ୟକ ସହାୟତା ଯୋଗାଇ ଦେବ । ଆମେ ଝାରସୁଗୁଡ଼ା ଜିଲ୍ଲା ହସ୍ପିଟାଲକୁ ଗତ ଏକ ବର୍ଷ ଧରି ମଧ ଆବଶ୍ୟକ ସହାୟତା ପ୍ରଦାନ କରିଛୁ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହଯୋଗରେ ଏହା ସମ୍ଭବ ହୋଇପାରିଛି । ଓଡ଼ିଶା କୋଭିଡ୍ ବିରୋଧରେ ସଫଳତାର ସହିତ ଲଢ଼େଇ ଜାରି ରଖିଛି । ବେଦାନ୍ତ ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନକୁ ସଙ୍କଟ ସମୟରେ ସହାୟତା ଯୋଗାଇ ଦେଉଛି ।ଇତିମଧ୍ୟରେ ବେଦାନ୍ତ ପକ୍ଷରୁ ଓଡ଼ିଶାରେ ବାସ କରୁଥିବା ୩୦,୦୦୦ କର୍ମଚାରୀ, ବ୍ୟବସାୟିକ ଅଂଶୀଦାର ଏବଂ ସେମାନଙ୍କ ପରିବାର ସଦସ୍ୟ ଆଦିଙ୍କୁ ଟିକା ପ୍ରଦାନ କରାଯାଇଛି । ଏହା ସହିତ ବେଦାନ୍ତ ପକ୍ଷରୁ କୋଭିଡ୍ ପ୍ରତିରୋଧ ପାଇଁ ବହୁବିଧ ସହାୟତା ପ୍ରଦାନ କରାଯାଇଛି । ବେଦାନ୍ତ ଆଲୁମିନିୟମ୍ ଆଣ୍ଡ୍ ପାୱାର ବିଜ୍‌ନେସ୍ ଯାହାକି ବେଦାନ୍ତ ଲିମିଟେଡ୍‌ର ଅଂଶବିଶେଷ ଭାରତର ପ୍ରାୟ ଅଧା ଆଲୁମିନିୟମ୍ ଉତ୍ପାଦନ କରିଥାଏ । ୨୦୨୧ ଆର୍ଥିକ ବର୍ଷରେ ଏହାର ପରିମାଣ ବାର୍ଷିକ ୧.୯୬ ନିୟୁତ ଟନ୍ ରହିଛି । ଏହା ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦ ପ୍ରସ୍ତୁତିରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଏହାର ବିଶ୍ୱସ୍ତରୀୟ ସ୍ମେଲଟର, ପାୱାର ପ୍ଲାଂଟ୍ ଏବଂ ଆଲୁମିନା ରିଫାଇନାରୀ ଭାରତର ବିଭିନ୍ନ ଅଂଚଳରେ ରହିଛି । ଆଲୁମିନିୟମ୍‌କୁ ଭବିଷ୍ୟତର ମେଟାଲ ଭାବେ ପ୍ରତିପାଦିତ କରି ଏକ 'ଗ୍ରୀନର ଟୁମୋରୋ' ଗଠନ ପାଇଁ ବେଦାନ୍ତ ପ୍ରୟାସ ଜାରି ରଖିଛି ।

# ମାଟି ଏବଂ ପଲିଥିନ୍ ଘରେ ବିତୁଛି ଜୀବନ

ଘଟଗାଁ(ପିଏନ)-ଉଭୟ କେନ୍ଦ୍ର ଏବଂ ରାଜ୍ୟ ପ୍ରତ୍ୟେକ ଦିନ ଅନେକ ଗରିବ ବାସହରା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର କିମ୍ବା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ କରାଇ ଘର ଯୋଗାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ଲୋକ ଆଜିବି ଝାଟି ମାଟି ଏବଂ ପାଲ ପଲିଥିନ୍ ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରୀପଶୀ ଗାଁରେ । ଗାଁର ଚରଣ ମୁଣ୍ଡା ଆଜକୁ ତିନି ବର୍ଷ ହେବ ଏକ ଝାଟି, ପିଲିଥିନ୍‌କୁ ଘରର କାନ୍ଥ କରି ରହୁଥିବା ଦେଖିବାକୁ ମିଳୁଛି । ଚରଣ ଦିନ ମଜୁରୀଆ ହୋଇଥିବାରୁ ଘର ଖଣ୍ଡିଏ ବନାଇବାକୁ ସକ୍ଷମ ନାହିଁ ତାର । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରିପଶୀ ଗାଁର ରାଜାବନ୍ଧ ସାହିର ଚରଣ ମୁଣ୍ଡା । ବୟସ ପାଖାପାଖି ୪୦ ହେବ । ପରିବାରରେ ସ୍ତ୍ରୀ ସହିତ ତିନୋଟି ପୁଅ । ଚରଣ ଜଣେ ଦିନ ମଜୁରୀଆ ଖଟିଖିଆ ଲୋକ । ପ୍ରତ୍ୟେକ ଦିନ ଯାହା ମୁଲମଜୁରି କରି ଆଣିଥାଏ, ସେସବୁ ପରିବାରର ଖାଇବାକୁ ମଧ ଅଂଟେନାହିଁ । ପୂର୍ବରୁ ସେ ବରାହଟିପୁରା ଗାଁରେ ରହୁଥିଲେ, ବାପା ଚାଲି ଗଲା ପରେ ବାସ ହରା ହୋଇ ଆଜକୁ ତିନି ବର୍ଷ ହେବ ସୁନାରିପଶି ଗାଁର ରଜାବନ୍ଧ ସାହିରେ ରହୁଛନ୍ତି । ଚରଣ ସ୍ତ୍ରୀ ସହିତ ତିନି ପୁଅଙ୍କୁ ନେଇ ନାହିଁ ନଥିବା ଅଭାବ ଅନଟନରେ ଜୀବନ ବିତାଉଛନ୍ତି । ଠିକ୍‌ସେ ନିଜ ପରିବାରର ଗୁଜରାଣ ମେଂଟାଇପାରୁ ନଥିବା ଚରଣ ଘର ଖଣ୍ଡିଏ ବନାଇବା ପାଇଁ ତା ପାଖରେ ସମ୍ବଳ ନାହିଁ । ଯାହାଫଳରେ ଆଜକୁ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଝାଟି, ପଲିଥିନକୁ କାନ୍ଥ କରି ଗୋଟିଏ ଝାଟି ଘରେ ରହୁଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ସରକାଙ୍ଗ ପ୍ରଧାନ ମନ୍ତ୍ରୀ ଏବଂ ବିଜୁ ବିଜୁ ପକ୍କା ଘର ଯୋଜନା ସାତସପନ । ତେବେ ବାସ ହରା ଲୋକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିଲେ ମଧ ଆଜିବି ଅନେକ ଲୋକ ଏଭଳି ଅବସ୍ଥାରେ ଝାଟି, ପଲିଥିନ୍‌କୁ କାନ୍ଥ କରି ରହୁଛନ୍ତି । ଚରଣ ମଧ ଆଜକୁ ତିନି ବର୍ଷ ହେବ ଏହି ଝାଟିମାଟିରେ ତିଆରି କାନ୍ଥ ପାଂଚ ଜଣ ପରିବାରକୁ ନେଇ ଏଭଳି ଦୁର୍ଦ୍ଦିନରେ ରହୁଛି । ତେବେ ଆମ ପ୍ରତିନିଧି ଚରଣଙ୍କ କରୁଣ କାହାଣୀ ଘଟଗାଁ ବିଡିଓଙ୍କ ପାଖରେ ଅବଗତ କରାଇବାରୁ ସେ ଖୁବଶିଘ୍ର ସରକାରଙ୍କ ଆବାସ କିମ୍ବା ପକ୍କା ଘର ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଘର ଖଣ୍ଡିଏ ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରତିସୃତି ଦେଇଛନ୍ତିମ ।




Bhubaneswar Wednesday June 30, 2021 ଭୁବନେଶ୍ୱର ବୁଧବାର, ଜୁନ୍ ୩୦,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

# ଛେଣ୍ଡ ସେଣ୍ଟ୍ରାଲ ପାର୍କ ଦୁର୍ନୀତି ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଜିଲ୍ଲାପାଳଙ୍କ ସହ କଂଗ୍ରେସର ଆଲୋଚନା



ରାଉରକେଲା : ବହୁ ଚର୍ଚ୍ଚିତ ଛେଣ୍ଡ ସେଣ୍ଟ୍ରାଲ ପାର୍କ ଦୁର୍ନୀତିର ତଦନ୍ତ ପରିବର୍ତ୍ତେ ସମ୍ପ୍ରତି ଉକ୍ତ ଦୁର୍ନୀତିକୁ ଲୁଚାଇବାକୁ ଆରମ୍ଭ ଉଦ୍ୟମ ସମ୍ପର୍କରେ ଜିଲ୍ଲା କଂଗ୍ରେସ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛି । ଜିଲ୍ଲା କଂଗ୍ରେସ ସଭାପତି ତଥା ସୁନ୍ଦରଗଡ ସଂସଦୀୟ କ୍ଷେତ୍ର ନେତା ଜର୍ଜ ତିର୍କୀଙ୍କ ନେତୃତ୍ୱରେ କଂଗ୍ରେସରଏକ ପ୍ରତିନିଧି ଦଳ ଆଜି ତା-୨୯.୬.୨୧ ରିଖରେ ସୁନ୍ଦରଗଡ ଠାରେ ସୁନ୍ଦରଗଡ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଗତ ୨୦୧୯ ଅକ୍ଟୋବର ମାସରୁ ଏହି ପାର୍କ ନିର୍ମାଣରେ ହୋଇଥିବା ୧ କୋଟିରୁ ଅଧିକ ଟଙ୍କାର ଦୁର୍ନୀତି ବାବଦରେ ଭିଜିଲାନ୍ସରେ ତଥ୍ୟଭିତ୍ତିକ ଏତଲା ଦାୟର କରିଥିଲେ ହେଁ ଅଦ୍ୟାବଧି ତାହାର ତଦନ୍ତ କରାଯାଇ ନାହିଁ ବୋଲି କହିଥିଲେ । ପରନ୍ତୁ ସମ୍ପ୍ରତି ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ ତରଫରୁ ଉକ୍ତ ପାର୍କରେ ଏକ ପ୍ଲାନେଟୋରିୟମର ପ୍ରାରମ୍ଭିକ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ରାଉରକେଲା ସ୍ମାର୍ଟସିଟି ମିଶନ ତରଫରୁ ଏକ ବିଜ୍ଞାନ ପାର୍କ ନିର୍ମାଣ ହେବାକୁ ଯାଉଛି । ତେବେ ଏହି ନୂତନ ପ୍ରକଳ୍ପ କାର୍ଯ୍ୟ ଚାଲିଲେ ପୁରୁଣା ଦୁର୍ନୀତି ସବୁଦିନ ପାଇଁ ଲୁଚିଯିବ ବୋଲି କଂଗ୍ରେସ ନେତୃବୃନ୍ଦ ପ୍ରକାଶ କରି ସାମୟିକ ଭାବେ ଉକ୍ତ ନିର୍ମାଣ କାର୍ଯ୍ୟକୁ ବନ୍ଦ ରଖି ପ୍ରଥମେ ପୁରୁଣା ଦୁର୍ନୀତିର ତଦନ୍ତ ସାରିବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳଙ୍କୁ କହିଥିଲେ । ସେହିପରି ଗତ ୧୯.୬.୨୧ ତାରିଖରେ ନୂଆଗାଁ ବ୍ଲକ୍‌ର ପୁରୁଣାପାଣି ଯାହାରଟୋଲି ପଞ୍ଚାୟତକୁ ଏସ୍‌ଟିଆଇ ଗୋଦାମରୁ ଚାଉଳ ଇସ୍ୟୁ ଓ ପରିବହନକୁ ନେଇ ସୃଷ୍ଟି ହୋଇଥିବା ଘଟଣାର ଭିଜିଲାନ୍ସ ତଦନ୍ତ ପାଇଁ କଂଗ୍ରେସ ନେତୃବୃନ୍ଦ ପ୍ରସ୍ତାବ ଦେଇଥିଲେ । ଏହି ଘଟଣାର ଭିଜିଲାନ୍ସ ତଦନ୍ତ ହେଲେ ସମସ୍ତ କଥା ସ୍ପଷ୍ଟ ହେବା ସହିତ ପ୍ରକୃତ ଦୋଷୀକୁ ଦଣ୍ଡିତ କରାଯାଇପାରିବ ବୋଲି କଂଗ୍ରେସ ନେତୃବୃନ୍ଦ ପ୍ରକାଶ କରି ଏହି ତଦନ୍ତ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିବାକୁ ପ୍ରସ୍ତାବ ଦେଇଥିଲେ । ଅନୁରୂପ ଭାବେ ରାଉରକେଲା ସହରରେ ସ୍ୱରେଜ୍ ପ୍ଲାଣ୍ଟ ପ୍ରକଳ୍ପ ପାଇଁ ଚାଲିଥିବା ଅଧପନ୍ତରିଆ ସ୍ୱରେଜ୍ ପାଇପ୍ ବିଛା କାର୍ଯ୍ୟ ସମ୍ପର୍କରେ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ବିଶଦ୍ ଭାବେ ଅବଗତ କରାଇ କିପରି ସହରର ମୁଖ୍ୟରାସ୍ତା, ବାସନ୍ତୀ କଲୋନୀର ପାଣିଟାଙ୍କି ନିକଟସ୍ଥ ରାସ୍ତା ଓ ଛେଣ୍ଡର ଭିଏସ୍‌ଏସ୍ ମାର୍କେଟ ଠାରୁ ବିଏସ୍‌ଏନ୍‌ଏଲ୍ ଛକ ପର୍ଯ୍ୟନ୍ତ ଉତ୍ତରପାର୍ଶ୍ୱ ରାସ୍ତାରେ ସ୍ୱରେଜ୍ ପାଇପ୍ ବିଛାନଯାଇ ଛାଡି ଦିଆଯାଇଛି, ସେ ସମ୍ପର୍କରେ ଜିଲ୍ଲାପାଳଙ୍କୁ ସୂଚନା ଦେଇ ଘଟଣାରେ ହସ୍ତକ୍ଷେପ ପାଇଁ ନିବେଦନ କରିଥିଲେ । ଅଧପନ୍ତରିଆ ଭାବେ ପାଇପ୍ ବିଛା କାର୍ଯ୍ୟ ପଡିରହିଥିବା ବେଳେ ଗତ ଫେବୃୟାରୀ ମାସରୁ ଲୋକାର୍ପଣ ହୋଇଥିବା ସ୍ୱରେଜ୍ ପ୍ଲାଣ୍ଟ ଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ ବୋଲି କଂଗ୍ରେସ ନେତୃବୃନ୍ଦ ପ୍ରକାଶ କରି ସମ୍ପ୍ରତି ଏହାର ଠିକା ନେଇଥିବା ଏଲ୍‌ଆଣ୍ଡଟି କମ୍ପାନୀ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛି ବୋଲି କହି ସ୍ୱରେଜ୍ ବୋର୍ଡ ପ୍ରମାଣପତ୍ର ନେଇ ଚାଲିଯିବାକୁ ବସିଛି ବୋଲି ଅଭିଯୋଗ କରିଥିଲେ । ଗତ ୪ ବର୍ଷରୁ ଅଧିକ ସମୟ ଧରି ଏହି ସ୍ୱରେଜ୍ ପ୍ରକଳ୍ପ କାର୍ଯ୍ୟ ଯୋଗୁ ସହରବାସୀ ନାହିଁ ନଥିବା ହୀନସ୍ତା ହେଉଥିବା ବେଳେ ବର୍ତ୍ତମାନର ଅଧପନ୍ତରିଆ କାର୍ଯ୍ୟ ଆଗାମୀ ଦିନରେ ସହରବାସୀଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିବ ବୋଲି କଂଗ୍ରେସ ନେତୃବୃନ୍ଦ ଜିଲ୍ଲାପାଳଙ୍କୁ ଅବଗତ କରାଇ ଏଲ୍‌ଆଣ୍ଡଟି କମ୍ପାନୀ ଯେପରି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପୂର୍ଣ୍ଣ କରିବ ସେ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନେତୃବୃନ୍ଦ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ । ସେହିପରି ରାଜ୍ୟ ସରକାରଙ୍କ ମୋ' ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ରାଉରକେଲା ସହରର ୧୦ଟି ଉଚ୍ଚବିଦ୍ୟାଳୟର ଭିତ୍ତିଭୂମିର ବିକାଶ ପାଇଁ ଜିଲ୍ଲା ଖଣିଜ ପାଣ୍ଠିରୁ ପାନପୋଷ ଆଇଟିଡିଏକୁ ଯୋଗାଇ ଦିଆଯାଇଥିବା ୬ କୋଟିରୁ ଅଧିକ ଟଙ୍କାର ନିର୍ମାଣ କାର୍ଯ୍ୟକୁ ଖୋଲା ଇ-ଟେଣ୍ଡର ନ କରି ସରକାରୀ ଦଳର ଠିକାଦାରମାନଙ୍କୁ ବାଣ୍ଟି ଦିଆଯାଇଛି ବୋଲି ଅଭିଯୋଗ କରିଥିଲେ । ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ୫ ଲକ୍ଷରୁ ଅଧିକ ମୂଲ୍ୟର କୌଣସି ପ୍ରକଳ୍ପର ନିର୍ମାଣ ପାଇଁ ଖୋଲା ଇ-ଟେଣ୍ଡର କରିବାକୁ ଧାର୍ଯ୍ୟ ହୋଇଥିବା ବେଳେ ପାନପୋଷ ଆଇଟିଡିଏ କର୍ତ୍ତୃପକ୍ଷ ସରକାରୀ ଦଳର ଚାପରେ ସରକାରଙ୍କ ନିୟମକୁ ଅଣଦେଖା କରି ବିନା ଟେଣ୍ଡରରେ ଏହି କାର୍ଯ୍ୟ ଆରମ୍ଭ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି । ବିନା ଟେଣ୍ଡରରେ ଏହି କାର୍ଯ୍ୟ ବଣ୍ଟନରେ ବ୍ୟାପକ ଦୁର୍ନୀତି ହେବା ସହିତ ଭବିଷ୍ୟତରେ ନିମ୍ନମାନର କାର୍ଯ୍ୟ ହେବାର ଆଶଙ୍କା ଥିବାରୁ ଏବଂ ଟେଣ୍ଡର ନ ହେବା ଜନିତ କ୍ଷତି ପ୍ରାୟ ୧ କୋଟିରୁ ଅଧିକ ଟଙ୍କାର କ୍ଷତି ପାନପୋଷ ଆଇଟିଡିଏ କର୍ତ୍ତୃପକ୍ଷଙ୍କୁ ସହିବାର ଆଶଙ୍କା ଥିବାରୁ ଜିଲ୍ଲାପାଳ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ସମସ୍ତ ପ୍ରକଳ୍ପର ଖୋଲା ଇ-ଟେଣ୍ଡର ପାଇଁ ଆଇଟିଡିଏ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରିଥିଲେ । ଉପରୋକ୍ତ ସମସ୍ତ ବିଷୟରେ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ଭାବେ ଅବଗତ ହୋଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ କଂଗ୍ରେସ ପ୍ରତିନିଧି ମଣ୍ଡଳୀକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରତିନିଧି ଦଳରେ ଶ୍ରୀ ତିର୍କୀଙ୍କ ସମେତ ସୁନ୍ଦରଗଡ ଜିଲ୍ଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ, ରାଉରକେଲା ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ବିରେନ ସେନାପତି, ବୀରମିତ୍ରପୁର କଂଗ୍ରେସ ନେତା ରୋହିତ ଯୋଶେଫ ତିର୍କୀ, ରାଉରକେଲା ଓବିସି ଅଧ୍ୟକ୍ଷ କୈଳାସ ସାହୁ ଓ ଯୁବନେତା ରନ ଓଝା ପ୍ରମୁଖ ସାମିଲ୍ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି ।

# ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନକୁଳ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ପ୍ରତିମୂର୍ତ୍ତି ଉନ୍ମୋଚନ




କେନ୍ଦ୍ରାପଡ଼ା : କେନ୍ଦ୍ରାପଡାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତିର ପୂର୍ବତନ ସଭାପତି ସ୍ୱର୍ଗତ ନକୁଳ ଚରଣ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହେବା ସହିତ ତାଙ୍କର ଏକ ପ୍ରତିମୂର୍ତ୍ତି ନିଜଗ୍ରାମ ସୁଜାନଗରସ୍ଥିତ ନେତାଜୀ ମଡେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଉନ୍ମୋଚିତ ହୋଇଯାଇଛି । ଏହି ଉପଲକ୍ଷେ ୧୫୦ତମ ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ଆନୁକୁଲ୍ୟରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲନଗର ପଞ୍ଚାୟତର ସୁଜାନଗର ଗ୍ରାମରେ ଆୟୋଜିତ ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, କେନ୍ଦ୍ରାପଡା କଲେଜ ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ରାଜ୍ୟ ବିଜୁ ଯୁବ ବାହିନୀ ଅଧ୍ୟକ୍ଷ ବିଜୟ ନାୟକ, ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସଂସଦ ଆବାହକ ବିରୁପାକ୍ଷ ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷ ଶିବ ପ୍ରସାଦ ଭଳ, ସମାଜସେବୀ ଇଂ ମୁରଲୀଧର ସେଠୀ ପ୍ରମୁଖ ଯୋଗଦେଇ ସୁଜାନଗର ନେତାଜୀ ମଡେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରି ତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । କୋଭିଡ ନିୟମ ଅନୁପାଳନ ପୂର୍ବକ ସ୍ମୃତି ପରିଷଦର ସଭାପତି ଭଜକୃଷ୍ଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଂକ୍ଷିପ୍ତ ସଭାରେ ବିଧାୟକ ଶ୍ରୀ ବେହେରା ସଂଗ୍ରାମୀ ସ୍ୱର୍ଗତ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରଗତିଶୀଳ କେନ୍ଦ୍ରାପଡା ଗଠନରେ ସହାୟକ ହେବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପକରଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପୀତବାସ ବେହେରା, ସଭ୍ୟ ଚିତ୍ତରଞ୍ଜନ ପୃଷ୍ଟି, ଅଧ୍ୟାପକ ରଞ୍ଜିତ କୁମାର ଦାସ, ଲୋପାମୁଦ୍ରା ବାରିକ, ଅଧ୍ୟାପକ ଅଜୟ ସାମଲ, ନରହରି ପାଣି, ତ୍ରିଲୋଚନ ଦାସ, ଗଦାଧର ମଲ୍ଲିକ, ଚିତ୍ତରଞ୍ଜନ ମଲ୍ଲିକ, ଦେବାଶିଷ କୁବେର, ଦୁଷ୍ମନ୍ତ ମଲ୍ଲିକ, ରଞ୍ଜନ କର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶେଷରେ ସ୍ମୃତି ପରିଷଦର ଆବାହକ ରାଜେଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଗ୍ରାମୀ ସ୍ୱର୍ଗତ ଦାସଙ୍କ ପୁତ୍ର ବିଜୟ ଦାସ, ଅବନୀ ଦାସ ଓ ଅବିନାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ପାଂଚ କେ.ଜି. ବ୍ରାଉନ ସୁଗାର ଜବଦ ଘଟଣାକୁ ନେଇ ଚର୍ଚ୍ଚା

ବାଲେଶ୍ୱର:ବସ୍ତା ଥାନା ଅନ୍ତର୍ଗତ ପୁରୁଷୋତମପୁର ଗ୍ରା.ପ.ର ନୂଆଗାଁର ଗର୍ଜନ ଦାସଙ୍କ ଘରେ ଆଜି ସକାଳ ୬.୩୦ମିନିଟ ସମୟରେ ୩ଟି ବଲେରୋ ଗାଡ଼ିରେ ସାଧା ପୋଷାକ ପିନ୍ଧିଥିବା ମହିଳା ଓ ପୁରୁଷ ଗର୍ଜନ ଦାସଙ୍କ ଘରେ ଚଡଉ କରିଥିଲେ। ସେଠାରୁ ଗଞ୍ଜେଇ ଓ ବ୍ରାଉନ ସୁଗାର ଜବଦ କରି ଗର୍ଜନ ଦାସଙ୍କୁ ନେଇ ପଳାଇ ଯାଇଥିଲେ। ତେବେ ୫ କେ.ଜି. ଓଜନର ବ୍ରାଉନ ସୁଗାର ଓ ଗଞ୍ଜେଇ ସେମାନେ ଜବଦ କରିଥିବା କଥା ଲୋକେ କହୁଛନ୍ତି। ପ୍ରକୃତରେ ଏହି ଚଡଉ କରିଥିବା ବ୍ୟକ୍ତିମାନେ କିଏ ଜଣା ପଡ଼ି ନଥିଲେ ହେଁ, ଏହା ଏସଟିଏଫ ବୋଲି ଆଲୋଚନା ହେଉଛି। ଏସଟିଏଫଙ୍କୁ ପଚାରିବା ପରେ ଏହି ଘଟଣା ସମ୍ପର୍କରେ ଜାଣି ନାହାନ୍ତି ବୋଲି କହିଛନ୍ତି। ବାଲେଶ୍ୱର ଅବକାରୀ ବିଭାଗ ସୁପରିଟେଣ୍ଡେଣ୍ଟ କହିଛନ୍ତି ସ୍ପେଶାଲ ସ୍କ୍ୱାଡ଼ ଆସିଥିଲେ ହେଲେ କେଉଁଠି କଣ ହେଇଛି ସେ ଜାଣି ନାହାନ୍ତି। ସେ ଯାହା ହେଉ ଏହାକୁ ନେଇ ବାଲେଶ୍ୱରରେ ଚର୍ଚ୍ଚା ଜୋରଦାର ହୋଇଛି।

## ମାଷ୍ଟର କ୍ୟାଂଟିନ ଛକରୁ ଯୋଦ୍ଧା ଘୋଡ଼ା ସ୍ଥାନ'ର ନକରିବାକୁ ଜଟଣୀ ବିଧାୟକ ସୁର ରାଉତରାୟ ରାଜ୍ୟ ପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ



ଭୁବନେଶ୍ୱର :ଆଜି ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ମାଷ୍ଟର କ୍ୟାଂଟିନ ଛକୁ ଯୋଦ୍ଧା ଘୋଡ଼ା ସ୍ଥାନା'ର ନକରିବା ପାଇଁ ରାଜ୍ୟ ସରକାରଙ୍କୁ ଉପଦେଶ ଦେବାକୁ ମାନ୍ୟବର ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଶ୍ରୀ ରାଉତରାୟ ରାଜଭବନ ଯାଇ କୋଭିଡ ନିୟମ ଅନୁପାଳନ କରି ରାଜ୍ୟପାଳଙ୍କ ନିକଟକୁ ସ୍ମାରକପତ୍ର ପଠାଇଦେଇଥିଲେ। ସେ ଉଲ୍ଲେଖ କରିଛନ୍ତି ଯେ ମାଷ୍ଟର କ୍ୟାଂଟିନର ଯୋଦ୍ଧା ଘୋଡ଼ା ଓଡ଼ିଆ ଜାତିର ଭାବାବେଗ ସହିତ ଜଡିତ। ଏହା ସ୍ୱର୍ଗତ ସ୍ଥପତି ରଘୁନାଥ ମହାପାତ୍ରଙ୍କ ଦ୍ୱାରା ନିର୍ମିତ। ପୂର୍ବତନ ମୁଖ୍ୟ ମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ଏଠାରେ ଏହା ସ୍ଥାପନ କରିଥିଲେ। ଡ. ହରେକୃଷ୍ଣ ମହତାବଙ୍କୁ ଠାରୁ ବିଜୁ ପଟ୍ଟନାୟକ, ନନ୍ଦିନୀ ଶତପଥି, ସତ୍ୟପ୍ରିୟ ମହାନ୍ତି, ଚିଂ'ାମଣି ପାଣିଗ୍ରାହୀ ପ୍ରଭୃତି ଓଡ଼ିଶାର ଦିବଗଂତ ଜନନାୟକ ମାନଙ୍କ ପ୍ରେରଣା ଓ ଉପଦେଶରେ ଏହି ମୂର୍ତ୍ତିକୁ ଏଠାରେ ସ୍ଥାନିତ କରାଯାଇଥିଲା। ରାଜ ମହଲ ଛକ ଭୁବନେଶ୍ୱରର କେନ୍ଦ୍ର ବିନ୍ଦୁ । ରେଳ ଷ୍ଟେସନ ଓ ସଚ୍ଛିବାଳୟର ମଧ ସ୍ଥଳୀରେ ଏହା ସ୍ଥାନିତ ହୋଇ ଓଡ଼ିଆ ଜାତିର ସ୍ୱର୍ଣ୍ଣିମ ଇତିହାସ, କୀର୍ତିର ନିଦର୍ଶନ ହୋଇଛି। ଯଦି ସ୍ମାର୍ଟସିଟିର ବିକାଶ ଯୋଜନାରେ ମାଷ୍ଟର କ୍ୟାଂଟିନ ଛକର ଆଧୁନୀକିକରଣ କରାଯାଉଛି ତାହାର ଆମେ ପରିପନ୍ଥି ନୁହେଁ। ମାତ୍ର ଏହି ମୂର୍ତିର ସ୍ଥାନା'ର ନକରିବା ପାଇଁ ରାଜ୍ୟପାଳ ହସ୍ତକ୍ଷେ କରିବା ପାଇଁ ଶ୍ରୀ ରାଉତରାୟ ନିବେଦନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମନୋରନ ଦାଶ, ପ୍ରକାଶ ମିଶ୍ର, ଲିଙ୍ଗରାଜ ସାହୁ, ବୁନା ମହାନ୍ତି, ବିକ୍ରମ କେଶରୀ ସୁନ୍ଦରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ରାଜଶ୍ରୀର ଭର୍ଚୁଆଲ କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନାସଭା

କେନ୍ଦ୍ରାପଡ଼ା : କେନ୍ଦ୍ରାପଡାର ଅଗ୍ରଣୀ ସାହିତ୍ୟାନୁଷ୍ଠାନ କୋରୋସ୍ଥିତରାଜଶ୍ରୀ କଳା ଓ ସାହିତ୍ୟ ସଂସଦ ଆନୁକୁଲ୍ୟରେ ଏକ ରାଜ୍ୟସ୍ତରୀୟ ଭର୍ଚୁଆଲ କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ମହାକାଳପଡା ବିକାଶ ମଂ*ର ପ୍ରତିଷ୍ଠାତା ସଭାପତି ତଥା ରାଜଶ୍ରୀର କାର୍ଯ୍ୟକାରୀ ସଭାପତି ପ୍ରକୃତିବନ୍ଧୁ କାଶୀନାଥ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଓଡିଶା ବିଧାନସଭାର ସଚିବ ତଥା ବିଶିଷ୍ଟ ପ୍ରାବନ୍ଧିକ ଦାଶରଥୀ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସମ୍ପାଦକ ଆଶୁକବି ହେମନ୍ତ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ କସ୍ତୁରୀ ଚରଣ ସ୍ୱାଇଁ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ କବି ସଞ୍ଜୟ କୁମାର ରଥ, ପ୍ରାଧ୍ୟାପକ ଶ୍ରୀଧର ସାମଲ, ଶିଶୁ ସାହିତ୍ୟିକ ଭକ୍ତ ଚରଣ ସାହୁ, ବୃନ୍ଦାବନ ଦାସ, ନଳିନୀକାନ୍ତ ପୃଷ୍ଟି, କବି ଶୁଭାଂଶୁ ଦାସ, ଚିତ୍ରାରାଣୀ ପାତ୍ର, ନିଧି ସାହୁ, ପ୍ରେମାନନ୍ଦ ଜେନା ପ୍ରମୁଖ ଯୋଗଦେଇ ରାଜଶ୍ରୀର ସାହିତ୍ୟ ବଳୟ ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ପଣ୍ଡିତ ପ୍ରମୋଦ ତ୍ରିପାଠୀ ବେଦପାଠ, ସୁପ୍ରିୟା ସାହୁ ପ୍ରାରମ୍ଭିକ ସଂଗୀତ, ମଞ୍ଜୁଶ୍ରୀ ବରାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅପ[illegible]ଚରଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ମୋ ଦୃଷ୍ଟିରେ ରାଜଶ୍ରୀ ପ୍ରସଙ୍ଗ ଉପରେ ଓଡିଶାର ବିଭିନ୍ନ ପ୍ରାନ୍ତରରୁ ଯୋଗଦେଇଥିବା କବି ବେଣୁଧର ସୁତାର, ପ୍ରେମଲତା ଗିରି, ସସ୍ମିତା ପଣ୍ଡା, ଅଭିରାମ ମଣ୍ଡଳ, ମନୋଜ କୁମାର ଦାସ, ଅକ୍ଷୟ ତରାଇ, ଅଶୋକ ଦାଶ, ସୁଜିତ ପଣ୍ଡା, ଆରାଧନା ଦାଶ, ବୀଣାପାଣୀ ଚୌଧୁରୀ, ବନଲକ୍ଷ୍ମୀ ମହାନ୍ତି, ଗୀତାଞ୍ଜଳି ସାହୁ, ଅନସୂୟା ମଲ୍ଲିକ, ରଞ୍ଜିତା ପତି, ମୋନାଲିସା ସିଂହ, ରଞ୍ଜନ ମହାନ୍ତି, ନିର୍ମଳ ନାୟକ, ଦିବ୍ୟାଂଶୀ ମହାନ୍ତି, ନିରୁପମା ପାଣି, ପ୍ରିୟବ୍ରତ ଦାଶ, କେମନ୍ତ ମଲ୍ଲିକ, ବ୍ରଜସୁନ୍ଦର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସ୍ୱରଚିତ କବିତା ପାଠ କରିଥିଲେ । ଏହି ଅବସରରେ ଉତ୍କଳପ୍ରଭା ୟୁଟ୍ୟୁବ ଚାନେଲ ସୌଜନ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ପର୍ବରେ ମୁଖ୍ୟ ଅତିଥି ଶ୍ରୀ ଶତପଥୀ ଓ ସଭାପତି ଶ୍ରୀ ରାଉତରାୟ ଗତ ରଜମହୋତ୍ସବର କବିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପ୍ରିୟବ୍ରତ ଦାଶ, ସୁପ୍ରିୟା ସାହୁ ଓ ଶୀତିକଣ୍ଠ ତ୍ରିପାଠୀ ବୈଷୟିକ ସହଯୋଗ ଯୋଗାଇ ଦେଇଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray